ଧରିତ୍ରୀ
DHARITRI

May 19-25, 2024 ₹ 2/-

ଧରିତ୍ରୀ DHARITRI 50 Years


ଛୁଟିଦିନ

ଦେଶମାତୃକାର ସେବା କରିବା ପାଇଁ, ଦେଶକୁ ସୁରକ୍ଷା ଦେବା ପାଇଁ ସବୁ ସମୟରେ ଅନେକ ଦେଶଭକ୍ତ ପ୍ରାଣବଳୀ ଦେଇଥାନ୍ତି। ତାଙ୍କ ଜନ୍ମମାଟି, ତାଙ୍କ ଗାଁ ସେମାନଙ୍କ ପାଇଁ ଗର୍ବ କରେ। ଏମିତି କିଛି ଗାଁ ରହିଛି ଯେଉଁ ଗାଁର ଅଧିକାଂଶ ଯୁବପିଢ଼ି ଦେଶସେବାରେ ନିୟୋଜିତ...

ପ୍ରଚ୍ଛଦ ପ୍ରସଙ୍ଗ

୩

# ସଂଗ୍ରାମୀଙ୍କ ଗାଁ



# ବାସ୍ତୁ ଅନୁଯାୟୀ ଘରର ରଙ୍ଗ

ଘରକୁ ଆକର୍ଷଣୀୟ କରିବା ପାଇଁ ଏହାର ପ୍ରତି ରୁମ୍ ତଥା କାନ୍ଥ ଓ ଛାତରେ ଆମେ ବିଭିନ୍ନ ପ୍ରକାରର ରଙ୍ଗ ଦେଇଥାଉ। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ପ୍ରତି ରୁମ୍‌ରେ ସବୁ ପ୍ରକାରର ରଙ୍ଗ ଦେଇହେବନାହିଁ। ତା'ହେଲେ ଜାଣନ୍ତୁ କେଉଁ ରୁମ୍‌ରେ କି ରଙ୍ଗ ଦେଲେ ତାହା ଶୁଭଫଳ ଦେବା ସହ ମନକୁ ଶାନ୍ତି ପ୍ରଦାନ କରିବ...



* ଲିଭିଂ ରୁମ୍‌ର ସକାରାତ୍ମକତା ଗୁଣ ବୃଦ୍ଧି କରିବା ପାଇଁ ଏହି ରୁମ୍‌ରେ ଧଳା, ହଳଦିଆ, ହାଲ୍‌କା ନୀଳ ଅଥବା ହାଲ୍‌କା ଗୋଲାପୀ ରଙ୍ଗ ଲଗାଇବା ବାସ୍ତୁ ଅନୁଯାୟୀ ଶୁଭ ହୋଇଥାଏ। ଗାଢ଼ ରଙ୍ଗର ପ୍ରୟୋଗ ଏହି ଘର ପାଇଁ ସେତେ ଠିକ୍ ନୁହେଁ।
* ରୋଷେଇ ଘରେ ଯେହେତୁ ଅଗ୍ନି ଦେବଙ୍କର ବାସସ୍ଥାନ, ସେଥିପାଇଁ ଏହି ଘରେ ହଳଦିଆ, ନାରଙ୍ଗୀ, ନାଲି ଅଥବା କେଶରିଆ ରଙ୍ଗ ଲଗାଇଲେ ଶୁଭଫଳ ମିଳିଥାଏ। କଳା ହେଉ ଅଥବା ଅନ୍ୟ କୌଣସି ଗାଢ଼ ରଙ୍ଗ ଏହି ଘରେ ଲଗାଇବେ ନାହିଁ।
* ପୂଜାଘର ଶାନ୍ତି ଓ ପବିତ୍ରତାର ପ୍ରତୀକ ହୋଇଥାଏ। ତେଣୁ ଏହି ଘରର ସୌନ୍ଦର୍ଯ୍ୟ ଓ ଗୁଣବତ୍ତାକୁ ଆହୁରି ବଢ଼ାଇବା ପାଇଁ ଏହି ଘରେ ହାଲ୍‌କା ନୀଳ, ଧଳା କିମ୍ବା ହାଲ୍‌କା ସବୁଜ ରଙ୍ଗ ଲଗାଇ ପାରିବେ।
* ନବବିବାହିତ ଦମ୍ପତିଙ୍କ ବେଡ୍‌ରୁମ୍‌ରେ ହାଲ୍‌କା ଗୋଲାପୀ କିମ୍ବା ହାଲ୍‌କା ଲାଲ୍ ରଙ୍ଗ ଲଗାଇବା ସବୁଠୁ ଶୁଭ ହୋଇଥାଏ। ଆବଶ୍ୟକ କ୍ଷେତ୍ରରେ ଏହି ରୁମ୍‌ରେ ଅନ୍ୟ ଯେ କୌଣସି ହାଲ୍‌କା ରଙ୍ଗ ମଧ୍ୟ ବ୍ୟବହାର କରିହେବ। କିନ୍ତୁ ଭୁଲ୍‌ରେ କେବେ ବି କଳା କିମ୍ବା ଗାଢ଼ ବାଇଗଣୀ ରଙ୍ଗ ବ୍ୟବହାର କରିବେନାହିଁ। ଏହା ସମ୍ପର୍କରେ ଭୁଲ୍ ବୁଝାମଣା ସୃଷ୍ଟି କରିଥାଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୯-୨୫

**ମେଷ**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସ୍ୱାସ୍ଥ୍ୟହାନୀରୁ କ୍ଷୋଭ, ବନ୍ଧୁ ସାହାଯ୍ୟ ପାଇବେ, ପାରିବାରିକ ସହଯୋଗ ମିଳିବ, ଭ୍ରମଣ ସୁଯୋଗ ଜୁଟିବ, ବେପାର ଭଲ ଚାଲିବନି, ସଙ୍ଗୀତ ଚଳଚ୍ଚିତ୍ରରେ ସମସ୍ୟା, କର୍ମକ୍ଷେତ୍ରରେ ସମାଲୋଚନା, ରାଜନୈତିକ ବିତର୍କ, ଯାତ୍ରା କାଳୀନ ଅସୁସ୍ଥତା ॥

**ବୃଷ**
ପାରିବାରିକ ସମସ୍ୟା, ଭାବପ୍ରବଣତା ବୃଦ୍ଧି, ମନୋବଳ ହ୍ରାସ ପାଇବ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ସ୍ଥାନାନ୍ତର ସ୍ଥଗିତ, ବନ୍ଧୁ ପ୍ରସ୍ତାବ ଆସିବ, ଦୂରଯାତ୍ରାର ଯୋଜନା, ଲୋକସମ୍ପର୍କରେ ଶିଥିଳତା, ଶାରୀରିକ କ୍ଳାନ୍ତି ॥

**ମିଥୁନ**
କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣରେ କ୍ଳାନ୍ତି ଅନୁଭବ, ସନ୍ତାନହେତୁକ ଦ୍ୱନ୍ଦ୍ୱ, ସତ୍‌ସଙ୍ଗର ସୁଯୋଗ, ଅତିଥିସେବାର ଆନନ୍ଦ, ବାଦବିବାଦରେ ଜଟିଳତା, ଭ୍ରାତୃସମ୍ପର୍କ ହାନୀ, ଅନୁସନ୍ଧାନରେ ବିଫଳତା ॥

**କର୍କଟ**
କାର୍ଯ୍ୟସିଦ୍ଧିରୁ ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥସଂକଟରୁ ବ୍ୟସ୍ତତା, ସଂସ୍କୃତି ଜ୍ଞାନ ବଢ଼ିବ, କର୍ମକ୍ଷେତ୍ରରେ ଗୌରବ, ମିଥ୍ୟା ଗୁଜବ ଶୁଣିବେ, ଉଚ୍ଚସ୍ତରରୁ ସମ୍ମାନ, ମୂଲ୍ୟବାନ ଦ୍ରବ୍ୟ ଲାଭ ॥

**ସିଂହ**
କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ମନୋରଞ୍ଜନରେ ଆଗ୍ରହ, କାର୍ଯ୍ୟ ସାଧନରେ ବିଳମ୍ବ, ଆର୍ଥିକ ଅଭିବୃଦ୍ଧି, ପେଟରୋଗ ସମସ୍ୟା, ନୂତନନିଯୁକ୍ତିର ସୁଯୋଗ, ବିବାଦୀୟ କାର୍ଯ୍ୟ, ମିଆଦ ଜମାରାଶି ପାଇବେ ॥

**କନ୍ୟା**
ଉଚ୍ଚଚିନ୍ତା କରିବେ, ନୂତନ କର୍ମାରମ୍ଭ, ବନ୍ଧୁବର୍ଗଙ୍କ ସହଯୋଗ, ସମ୍ପର୍କୀୟଙ୍କ ସହ ମିତ୍ରତା, ଯୋଗାଣ କାରବାରରେ ଉନ୍ନତି, ମାଙ୍ଗଳିକ କାମରୁ ଖୁସି, ଭାବପ୍ରବଣତା ବୃଦ୍ଧି, ଆର୍ଥିକ ସମସ୍ୟା, ମାନସିକ ବିଷାଦ, କାର୍ଯ୍ୟରେ ସଫଳତା, କ୍ରନିକ୍‌ରୋଗରେ ପୀଡା ॥

**ତୁଳା**
ଆନୁଷ୍ଠାନିକ ବନ୍ଧୁମିଳନ, ସୁଖଦ ଆଲୋଚନା, ସ୍ଥିରନିଷ୍ପତି ନେବେ, ଭ୍ରମଣସୁଯୋଗ ଜୁଟିବ, କ୍ଳାନ୍ତିବୋଧ କରିବେ, ବୃତ୍ତିବାଣିଜ୍ୟରେ ସଫଳତା, ବ୍ୟୟ ବରାଦ କରିବେ, ସମସ୍ୟାର ମୁକାବିଲା, ଯାନବାହନ କ୍ରୟ, କ୍ରୀଡା ଚଳଚ୍ଚିତ୍ରରେ ବିବାଦ ॥

**ବିଛା**
ସ୍ନାୟବିକ ଦୁର୍ବଳତା, ବୈଷୟିକ ଅଭିବୃଦ୍ଧି, ବନ୍ଧୁବର୍ଗଙ୍କ ପରାମର୍ଶ, ନିଜ ପରିସରରେ ପ୍ରତିଷ୍ଠା, ସମ୍ମାନିତ ହୋଇପାରନ୍ତି, କାର୍ଯ୍ୟସ୍ଥଗିତ ରହିବ, ନିଃସଙ୍ଗତା ବୋଧ କରିପାରନ୍ତି, ବୈବାହିକ ସମସ୍ୟା, ଗୃହପୋକରଣ କିଣିବେ, ନୂତନଗୃହ ଭୂମି ଲାଭ, ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ ॥

**ଧନୁ**
କର୍ମକ୍ଷେତ୍ରରେ ବିବାଦ, ସମାଲୋଚିତ ହେବେ, ବନ୍ଧୁଙ୍କୁ ମିଶିପାରନ୍ତି, ନିଜ କାମରେ ଅବହେଳା, ସମସ୍ୟା ସମାଧାନ ହେବ, ମାନସିକ ସୁସ୍ଥତା, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିକୁ ଆହ୍ୱାନ, କଚେରୀ ମାମଲାରେ ବାଇଦା ॥

**ମକର**
ସମସ୍ୟା ସମାଧାନ, ପରିସ୍ଥିତି ବଦଳିବ, ନୂତନ ଯୋଜନାରମ୍ଭ, ପଡୋଶୀଙ୍କ ସାହାଯ୍ୟ, ଯାନବାହନରେ ତ୍ରୁଟି, ଯାତ୍ରାରୁ ସୁଫଳ, ବନ୍ଧୁସମ୍ପର୍କ ବୃଦ୍ଧି, ଭାଇଙ୍କ ପ୍ରତିବାଦ, ଶୁଭଖବର ପାଇବେ, ଏଜେନ୍ସିପ୍‌ରୁ ଖୁସି ରହିବେ, କରଜଦାତାଙ୍କ ଚାପ ବୃଦ୍ଧି ॥

**କୁମ୍ଭ**
ନୂତନ ମିତ୍ରତା, ସମ୍ପର୍କୀୟଙ୍କ ବିରୋଧାଭାଷ, ନିରୁତ୍ସାହିତ ହୋଇପାରନ୍ତି, ଅନୁକୂଳ ପରିବେଶ ସୃଷ୍ଟି, ବିବାଦ ଥମିଯିବ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ଖୁସି ଗପର ମଉକା, ଧର୍ମକାର୍ଯ୍ୟରେ ବିଘ୍ନ, ପରୋକ୍ଷଶତ୍ରୁତାରୁ ଦୁଃଖ, ଯାତ୍ରାର ଲକ୍ଷ୍ୟପୂରଣ ॥

**ମୀନ**
କର୍ମଦକ୍ଷତାରୁ ପ୍ରଶଂସା, ବ୍ୟୟସଂକୋଚ କରିବେ, ନୂତନ ଗୃହାରମ୍ଭ, ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା, ପ୍ରଶଂସିତ ହେବେ, ପ୍ରତିକୂଳ ପରିସ୍ଥିତିର ଚାପ, ବୁଝାମଣା ଠିକ୍ ରହିବ, ପ୍ରାପ୍ୟ ଧନରେ ବାଧା, ପ୍ରତୀକ୍ଷିତ ଖବର ପାଇବେ, ସାଂସ୍କୃତିକ କାର୍ଯ୍ୟକ୍ରମ, ବସ୍ତ୍ର ଭୂଷଣପ୍ରାପ୍ତି ॥

# ଘରେ କେଉଁ ଜିନିଷ ରଖିବେ ନାହିଁ




ଜାଣତରେ ହେଉ ଅବା ଅଜାଣତରେ ଆମ ଘରେ ଏମିତି କିଛି ଜିନିଷ ରହିଯାଇଥାଏ ; ଯାହା ଗୃହରେ ନକାରାତ୍ମକ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଫଳରେ ଘରକୁ ବିଭିନ୍ନ ବିପଦ ମାଡ଼ିଆସେ। ଯେମିତିକି :

* ଭାଙ୍ଗିଯାଇଥିବା ବାସନକୁସନ, କାଚ ଅଥବା ଅନ୍ୟ କୌଣସି ଗୃହୋପକରଣ ଜିନିଷ। ଏସବୁ ଜିନିଷ ଯଦି ବେଶିଦିନ ଘରେ ରହିଯାଏ ତା'ହେଲେ ପରିବାର ସଦସ୍ୟଙ୍କ ମନ ଭିତରେ ଅଶାନ୍ତି, ନିରାଶାଭାବ ଆଦି ଦେଖାଯାଇଥାଏ। ତେଣୁ ଏସବୁ ଜିନିଷକୁ ତୁରନ୍ତ ମରାମତି କରିଦେବେ ନଚେତ୍ ବଦଳାଇଦେବା ଉଚିତ।
* ଘରେ ଭାଙ୍ଗିଯାଇଥିବା ଜାହାଜ, ଯୁଦ୍ଧ, କାନ୍ଦୁଥିବା ପିଲା, ସୂର୍ଯ୍ୟାସ୍ତର ଦୃଶ୍ୟ ଥିବା ପେଣ୍ଟିଂ ଲଗାଇବା ଆଦୌ ଠିକ୍ ନୁହେଁ। ସେହିପରି ବେଡ୍‌ରୁମ୍‌ରେ ଝରଣା, ଫାଉଣ୍ଟେନ୍, ସମୁଦ୍ର, ବର୍ଷା କିମ୍ବା ଆକ୍ୱାରିୟମ୍‌ର ପେଣ୍ଟିଂ ଅଥବା ଛବି ଲଗାଇବା ଶୁଭ ହୋଇ ନ ଥାଏ।
* ହାତୀଦାନ୍ତରେ ତିଆରି ମୂର୍ତ୍ତି, ବାଘଚମଡ଼ା କିମ୍ବା କୌଣସି ପଶୁର ଶିଙ୍ଗରେ ତିଆରି ଘରସଜ୍ଜା ଜିନିଷକୁ ବି ଘରେ ରଖିବା ଆଦୌ ଶୁଭଙ୍କର ନୁହେଁ।
* ସେହିପରି ଫୁଲଦାନିରେ ଶୁଖିଲା ଫୁଲକୁ ବି ବେଶିଦିନ ରଖିବା ଘର ପ୍ରତି ବିପଦକୁ ଡାକିଆଣିବା ସହ ପରିବାର ସଦସ୍ୟଙ୍କ ମନକୁ ଭାରାକ୍ରାନ୍ତ କରିଥାଏ ବୋଲି ବିଶ୍ୱାସ କରାଯାଏ।

# ପାଠକୀୟ

* କେହି ଦିବ୍ୟାଙ୍ଗ ତ କେହି ମାନସିକ ଅନଗ୍ରସର। ତଥାପି ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ବି କ୍ରୀଡ଼ା ଅଭ୍ୟାସକୁ ଜାରି ରଖି ସଫଳତା ପଥରେ ଅଗ୍ରସର ହୋଇଥିବା କିଛି ସମର୍ଥାଙ୍କ କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ତଥାପି ସମର୍ଥ' ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ଶୋଇବା ପୂର୍ବରୁ କ'ଣ କଲେ ତ୍ୱଚା କରିବା ଗ୍ଲୋ', 'ଦୀପରୁ ଦୀପ କାହିଁକି ଲଗାଯାଏ ନାହିଁ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। *– ମୌସୁମୀ ପ୍ରଧାନ, ସମ୍ବଲପୁର*
* ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନିତ 'ତଥାପି ସମର୍ଥ' ଶୀର୍ଷକ ଆଲେଖ୍ୟଟି ଏକ ସମୟୋପଯୋଗୀ ଓ ପ୍ରେରଣାଦାୟୀ ବିଷୟ ଥିଲା। ଲାଇଫ୍ ଷ୍ଟାଇଲ ପୃଷ୍ଠାରୁ 'ଟ୍ରେଣ୍ଡି ସମର ଆଉଟ୍‌ଫିଟ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲ। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୀତିକାର ମୋହିତ୍ ଚକ୍ରବର୍ତ୍ତୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। *– ଅମରେଶ ବିଶ୍ୱାଳ, ପୋଖରିପୁଟ, ଭୁବନେଶ୍ୱର*
* ସୃଜନ ପୃଷ୍ଠାରେ ସ୍ଥାନିତ 'ମରୁପଥ ଓ ଓଏସିସ୍' ଶୀର୍ଷକ ଗପ ଏବଂ 'ଚିଠି' ଶୀର୍ଷକ କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଜାହ୍ନବୀଙ୍କ ଗୁରୁ', 'ଟେନ୍‌ସନରେ କରୀନା, 'ସନ୍ଧ୍ୟାକୁ ଭୁଲିବେନି ଭୂମି' ଓ 'ଅପେକ୍ଷା ଶୁଭଦିନକୁ' ଆଦି ପାଠଗୁଡ଼ିକ ବେଶ୍ ରୋଚକପୂର୍ଣ୍ଣ ହେବା ସହ ମନଛୁଆଁ ଲାଗୁଥିଲା। *– ସ୍ମୃତିରଞ୍ଜନ ମିଶ୍ର, ସୁନ୍ଦରଗଡ଼*
* ଗାଳ୍ପିକା ହେମାଙ୍ଗିନୀ ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟଛୁଆଁ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଥିଲା। 'କେଶ ପାଇଁ ଯୋଗ' ଶୀର୍ଷକ ପାଠଟି ଏକ ଶିକ୍ଷଣୀୟ ବିଷୟ ଥିଲା। ମଡେଲ୍ ମିରରରେ ଭାରତ ପୁଷ୍ପରାଗ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର ଥିଲା। *– ସସ୍ମିତା ସାହୁ, ଫୁଲବାଣୀ*
* 'ବିଶ୍ୱକବିଙ୍କ ଜନ୍ମସ୍ଥଳୀ ଯୋଡ଼ାସାଁକୋ ଠାକୁରବାଡ଼ି' ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରୁ 'ରାଜସ୍ଥାନର ଜୟପୁର ପିଙ୍କ୍ ସିଟି କେବେଠୁ' ତାହା ଜାଣିହେଲା। ସେହିପରି ବ୍ୟଙ୍ଗ 'ବିଜ୍ଞାପନ ବିସମ୍ବାଦ' ଶୀର୍ଷକ ପାଠଟି ଏକ ନିଆରା ଆଲେଖ୍ୟ ଥିଲା। *– ରାକେଶ ସିଂ, ଭଦ୍ରକ*
* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୁକୁରର ଚମତ୍କାର ସନ୍ତୁଳନ', '୩୫୦ ମିଲିୟନ ଗଛ ଲଗାଇ ରେକର୍ଡ' ଏବଂ 'ଦିଆସିଲି ଖୋଳ ପରି କ୍ଲଚ୍' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। *– ଛବିନା ରଥ, ସାତଶଙ୍ଖ, ପୁରୀ*

## ବିଶେଷ ଚିଠି



ତଥାପି ସମର୍ଥକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରି ନିଆରା
ମନରେ ଭରିଲା ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ପୁଣି ଥିଲା
ବିବିଧା ଓ ବ୍ୟାକ୍‌ପେଜ୍,
ମନ କିଣି ନେଉଥିଲା ପୁଣି
ତୁମ ସହରଠୁ ଦୂରର କ୍ରେଜ୍।
ସତରେ ଛୁଟିଦିନ ତୁମେ ମହାନ୍
ତୁମ ପରି ଆଉ କିଏ ହେବ ବଳିୟାନ୍।
*– ସମ୍ପୂର୍ଣ୍ଣା ମହାନ୍ତି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com






# ସଂଗ୍ରାମୀଙ୍କ ଗାଁ


ପରାଧୀନ ଭାରତ ହେଉକି ଆଜିର ଦେଶ ସୁରକ୍ଷାର କଥା ହେଉ ଦେଶମାତୃକାର ସେବା କରିବା ପାଇଁ, ଦେଶକୁ ସୁରକ୍ଷା ଦେବା ପାଇଁ ସବୁ ସମୟରେ ଅନେକ ଦେଶଭକ୍ତ ପ୍ରାଣବଳୀ ଦେଇଥାନ୍ତି। ଯାହାଙ୍କୁ ପରବର୍ତ୍ତୀ ସମୟରେ ଶହୀଦର ମାନ୍ୟତା ମିଳିଛି। ତାଙ୍କ ଜନ୍ମମାଟି ତାଙ୍କ ପାଇଁ ଗର୍ବ କରିଛି। ସେମିତି ତିନୋଟି ଗାଁ ରହିଛି ଯାହାକୁ ସଂଗ୍ରାମୀଙ୍କ ଗାଁ ବୋଲି କୁହାଯାଇପାରେ। କେଉଁ ଗାଁର ଅଧିକାଂଶ ପରିବାର ସ୍ୱାଧିନତା ସଂଗ୍ରାମରେ ବ୍ରିଟିଶ ଶାସନ ବିରୁଧରେ ଲଢେଇ କରିଛନ୍ତି ତ କେଉଁ ଗାଁର ଅଧିକାଂଶ ଯୁବପିଢି ଦେଶ ସୁରକ୍ଷା କାର୍ଯ୍ୟରେ ନିୟୋଜିତ। ସେମିତି ତିନୋଟି ସଂଗ୍ରାମୀ ଗାଁ ସମ୍ପର୍କରେ...

**ଥୁଆବାରି ଗାଁର ସଂଗ୍ରାମୀଙ୍କ କାହାଣୀ:** ଭାରତ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନ୍ ତୀର୍ଥକ୍ଷେତ୍ର ଥୁଆବାରି ଗାଁ । ଏହି ଗାଁର ସମସ୍ତ ପରିବାରରେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ନୟାଗଡ଼ ଜିଲାର ଆଦିବାସୀବହୁଳ ନୂଆଗାଁ ବ୍ଲକ ଅନ୍ତର୍ଗତ ଥୁଆବାରି ଗାଁ। ଜିଲା ସଦର ମହକୁମାଠାରୁ ଏହି ଗାଁଟି ପ୍ରାୟ ୧୫ କିମି ଦୂରରେ ଅବସ୍ଥିତ। ତେବେ ନୂଆଗାଁ ଓ ନୟାଗଡ଼ଠାରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ଆସିଲେ ପଡ଼େ ମହୀପୁର ଛକ। ଏଠାରୁ ଥୁଆବାରି ମାତ୍ର ୩ କିମି । ଗ୍ରାମର ୩ ପାର୍ଶ୍ୱରେ ପାହାଡ଼ ପରିବେଷ୍ଟିତ ଓ ଡାହୁକା ନଦୀର ଦୁଇ ପାର୍ଶ୍ୱରେ ଚାଷଜମି ରହିଛି। ଦିନ ଥିଲା, ଥୁଆବାରି ଗାଁ ମାଟିର ନାଁ ଶୁଣିଲେ ରାଜ୍ୟବାସୀଙ୍କ ମନରେ ଅଭୁତପୂର୍ବ ଦେଶପ୍ରେମର ଶିହରଣ ସୃଷ୍ଟି ହେଉଥିଲା । ଏବେ ଏହି ଗାଁର ଐତିହ୍ୟ ଓ ଗୌରବକଥା ମନେପକାଇ ଖୁସିହୁଅନ୍ତି ଗ୍ରାମବାସୀ। କିନ୍ତୁ ଆଜିର ଦିନରେ ଏହି ଗାଁକୁ ଯେଉଁଭଳି ମାନ୍ୟତା ମିଳିବା କଥା ସେଭଳି ହୋଇପାରିନାହିଁ। ଦିନ ଥିଲା ଏହି ଗ୍ରାମର ପ୍ରାୟ ୬୦ ପରିବାର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଦେଶକୁ ସ୍ୱାଧୀନ କରିବା ପାଇଁ ଏହି ମାଟିର ସନ୍ତାନମାନେ ଆଗରେ ରହିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଏହି ଗାଁର ଥିଲା ଅନେକ ଅବଦାନ । ୧୯୪୩ ମସିହାରେ ଜେଲ ପରିସରରେ ନାନା ନିର୍ଯାତନା ପାଇ କସ୍ତୁରୀ ପରିଡ଼ା, ପୁଅ ବୁଦ୍ଧି, ଦୟା ବେହେରା ପ୍ରମୁଖ ଶହୀଦ ହୋଇଥିଲେ। ଜେଲରେ ଥିବାବେଳେ ଲିଙ୍ଗା ନାୟକ ଚକ୍ଷୁହୀନ ଓ ହରି ସାହୁ ପାଗଳ ହୋଇଯାଇଥିଲେ । ପରେ ଏମାନେ କୁଆଡ଼େ ଗଲେ ଏଯାବତ୍ ଖୋଜଖବର ନାହିଁ । ପୁଣି ଖତି ସାହୁଙ୍କୁ ରାଜତନ୍ତ୍ର କି ଦଣ୍ଡ ଦେଇଥିଲା ଏଯାବତ୍ ଏହା ରହସ୍ୟଘେରରେ ରହିଛି। କିନ୍ତୁ ଖତି ସାହୁ ନିଖୋଜ ଅଛନ୍ତି। ଗ୍ରାମର ଆନନ୍ଦ ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, ଅରକ୍ଷିତ ସାହୁ, ଦନେଇ ସାହୁ, ବୁଲା ସେଠୀ ପ୍ରମୁଖ ୩୫ ଜଣ ଜେଲଦଣ୍ଡ ଭୋଗିଥିଲେ । ୭ ଜଣ ଆତ୍ମଗୋପନ କରିଥିବାବେଳେ ୨୩ ଜଣ ବେତସଜା ଓ ଜରିମାନା ଦେଇଥିଲେ। ୧୯ ଜଣ କେବଳ ଜରିମାନା ଦେବା ସହ ୩୫ ଜଣ ଅଣବନ୍ଦୀ ରହିଥିଲେ। ଯେଉଁମାନେ ଜେଲରେ ଥିଲେ ତାଙ୍କୁ ବେତ୍ରାଘାତ, ତତଲା ଲୁହାରେ ଚେଙ୍କ ଓ ମାଡ଼ଗାଳି ଖାଇବାକୁ ପଡିଥିଲା । ଥୁଆବାରି ଗାଁର ସଂଗ୍ରାମୀଙ୍କ ଗୋଟିଚାଳନା ତତ୍କାଳୀନ ରାଜା ଓ ଇଂରେଜମାନଙ୍କର ନିଦ ହଜେଇ ଦେଇଥିଲା। ୧୯୪୨ରୁ ୬ ମାସ କାଳ ଗାଁକୁ ସିପାହି ଜଗି ରହିଥିଲେ। ଗାଁ ପୂରା ପୁରୁଷଶୂନ୍ୟ ହୋଇପଡ଼ିଥିଲା। ଗାଁରେ ଚାଲିଥିଲା ଲୁଟ୍‌ତରାଜ ଓ ଅତ୍ୟାଚାର। ଗାଁର ମହିଳା ଓ ପିଲାମାନେ ଘର ବାହାରକୁ ବାହାରି ପାରୁ ନ ଥିଲେ। ବାରିପଟେ କିଛି ଲୋକ ଏକପ୍ରକାର ଜଙ୍ଗଲଜାତ ଖାଦ୍ୟ ସୋଡୁଅକୁ ସଂଗ୍ରହ କରି ଖାଦ୍ୟ ରୂପେ କଦଳୀପତ୍ରରେ ଖାଉଥିଲେ। ଖାଦ୍ୟ ଅଭାବରେ ୭ ଜଣ ପ୍ରାଣ ହରାଇଥିଲେ । ଗାଁ ଲୋକଙ୍କର ରୋଜଗାର ନ ଥିବାରୁ ଖଜଣା ଦେଇ ପାରୁ ନ ଥିଲେ । ଖଜଣା ନ ଦେବା ଯୋଗୁ ଅଧିକାଂଶଙ୍କର ଜମି ନିଲାମ ହୋଇଯାଇଥିଲା । ଅପରପକ୍ଷରେ ୧୯୪୨ରେ ନୂଆଗାଁ ଥାନା ଘେରାଉ ହେବା ବେଳେ ଦଳର ସଭାପତିଙ୍କୁ ରକ୍ଷା କରିବାକୁ ଯାଇ କୁଶବିଡ଼ାର ଆଦିବାସୀ କଷ୍ଟି ଡାକୁଆ ଶହୀଦ ହୋଇଥିଲେ। କଷ୍ଟି ଡାକୁଆଙ୍କ ଶହୀଦ ପରେ କୁଶବିଡ଼ା ପୁଣି ଚର୍ଚ୍ଚାରେ ରହିଲା । ସାରା ଦେଶରେ ଏଭଳି ଦେଶପ୍ରେମୀ ଗାଁ ଓ ଅଭୁଲା ତ୍ୟାଗର ନିଦର୍ଶନ ଦେଖିବା ବିରଳ । ହେଲେ ଗାଁର ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ସେଭଳି ପ୍ରଚାର ପ୍ରସାର ହୋଇପାରି ନ ଥିଲା । ୧୯୫୫ରେ ଗୁମାନଈର ବନ୍ୟା ପୁଣି ଗାଁର ରୂପରେଖକୁ ବଦଳାଇଦେଲା। ଗାଁଟି ଜଳମଗ୍ନ ହେବା ସହ ୩ଜଣ ପ୍ରାଣ ହରାଇଥିଲେ। ଗାଁର ଘରଦ୍ୱାର ସବୁ ମାଟିରେ ମିଶି ନଦୀଗର୍ଭକୁ ଚାଲିଗଲା। ଗ୍ରାମବାସୀ ନିକଟସ୍ଥ ଢୁବୁରୀ ମୁଣ୍ଡିଆ ପାଦଦେଶରେ ବସତି ସ୍ଥାପନ କରିଥିଲେ। ବନ୍ୟା ପରେ ମୂଳ ଗ୍ରାମଟି ଚାଷଜମିରେ ପରିଣତ ହୋଇଥିଲା । ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ସ୍ମୃତି ସ୍ତମ୍ଭଟିଏ ଗତ ୧୭ ବର୍ଷ ତଳେ ନିର୍ମାଣ କରିଥିଲେ, ଯାହା ଏବେ ପ୍ରାୟ ନଷ୍ଟ ହୋଇଯିବାକୁ ବସିଥିଲା। ଗାଁ ଲୋକେ ଏବେ ଏହାକୁ ପୁଣି ମରାମତି କରିଛନ୍ତି । ସ୍ମୃତି ରୋମନ୍ଥନ କରି ବୀରମାଟି ଥୁଆବାରିରେ ପ୍ରତିବର୍ଷ ଅକ୍ଟୋବର ୧୦ରେ ପ୍ରଜାମଣ୍ଡଳ ଶହୀଦ ଦିବସ ପାଳିତ ହେଉଛି। ଥୁଆବାରି ଗାଁର ଗୋପୀ ନାୟକ କୁହନ୍ତି, ଏହି ଗାଁର ସମସ୍ୟା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅନେକେ ଚିହ୍ନୁନାହାନ୍ତି। ଗାଁର ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ପର୍କରେ ଜାଣିବା ପାଇଁ ପ୍ରଶାସନ ତରଫରୁ କିଛି ବ୍ୟବସ୍ଥା ନାହିଁ । କେବଳ ଆଦର୍ଶ ଗାଁ ବୋଲି ନାମ ଫଳକରେ ଲେଖାଯାଇଛି। ନୟାଗଡ଼ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଧର ଦାଶଙ୍କ ଯୋଗୁ ଥୁଆବାରି ଗାଁରେ ଅକ୍ଟୋବର ୧୦ରେ ଶହୀଦ ଦିବସ ପାଳିତ ହେଉଛି । ଗ୍ରାମବାସୀ କୁହନ୍ତି, ସେମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବାକୁ ଆମେ ଶହୀଦ ଦିବସ ପାଳିବା ବ୍ୟତୀତ ଆଉ କିଛି କରିପାରୁ ନାହୁଁ। ଏହିଭଳି ମହାନ୍ ବ୍ୟକ୍ତିତ୍ୱଙ୍କ ଉଦ୍ଦେଶ୍ୟରେ ସରକାର ଅଥବା ପ୍ରଶାସନ ଶହୀଦମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିପାରି ନାହାନ୍ତି। କିନ୍ତୁ ଅନେକ ପ୍ରତିଶ୍ରୁତି ବି ଦିଅନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ପରି ପୁଣି ଭୁଲିଯାଇଥା'ନ୍ତି। ଦେଶ ସ୍ୱାଧୀନ ହେବାର ପ୍ରାୟ ୭୫ ବର୍ଷ ପରେ ବି ଏଯାଏ ଏହି ଗାଁ ପାଇପାରିନାହିଁ ଐତିହାସିକ ପୀଠର ମାନ୍ୟତା । କେବଳ ଆଦର୍ଶ ଗାଁ ଭାବେ ନାମଫଳକରେ ନାଁ ରହିଛି।

**ସେନାଙ୍କ ପାଇଁ ଗର୍ବିତ ବିଲିପଡ଼ା :** ଦେଶ ମାତୃକାର ସେବା କରିବା ପାଇଁ ଅନେକ ଯୁବତୀ ଯୁବକ ସୈନ୍ୟବାହିନୀରେ ଯୋଗ ଦେଇଥାନ୍ତି। ଏହାପଛରେ ସେମାନଙ୍କର ନିଜସ୍ୱ ଇଚ୍ଛା ସହିତ ପରିବାରର ପ୍ରମୁଖ ଭୂମିକା ରହିଥାଏ। ତେବେ ଜଣେ ଦୁଇଜଣ ନୁହେଁ ଗାଁର ଅଧିକାଂଶ ଯୁବକ ସୈନ୍ୟ ବିଭାଗରେ କାମ କରୁଛନ୍ତି। ଏମିତି ଏକ ଗାଁ ନାଁ ହେଉଛି ବିଲିପଡ଼ା।









ଏହି ଗାଁଟି ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଅବସ୍ଥିତ । ଏହି ପଞ୍ଚାୟତରେ ରହିଛି ୭ଟି ରାଜସ୍ୱ ଗ୍ରାମ । ସେଥିମଧ୍ୟରୁ ବିଲିପଡ଼ା ଅନ୍ୟତମ । ଗାଁର ଅଧିକାଂଶ ପରିବାରର ଯୁବକମାନେ ସୈନ୍ୟବାହିନୀରେ ଚାକିରି କରିଆସୁଛନ୍ତି । ଆଖପାଖ ଗାଁର ଅନେକ ବ୍ୟକ୍ତି ଏହି ଗାଁକୁ ସେନା କର୍ମଚାରୀଙ୍କ ଗ୍ରାମ ବୋଲି କୁହନ୍ତି। ଏବେ ସୁଦ୍ଧା ଗାଁର ପ୍ରାୟ ୩୭ଜଣ ଯୁବକ ସ୍ଥଳ, ଜଳ ଓ ଆକାଶ ବାହିନୀ ଓ ଅନ୍ୟ କେତେଜଣ ପୋଲିସ ବିଭାଗରେ ଚାକିରି କରିଛନ୍ତି । ଗାଁର ଯୁବପିଢି ଦେଶସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରୁଥିବାରୁ ଗାଁ ଲୋକେ ସେମାନଙ୍କୁ ନେଇ ବେଶ୍ ଗର୍ବିତ । ଭୋଟକା ପଞ୍ଚାୟତର ୧୫ଟି ୱାର୍ଡ ମଧ୍ୟରୁ ଶେଷ ୩ଟି ଯଥା ୧୩, ୧୪ ଓ ୧୫ନମ୍ବର ୱାର୍ଡକୁ ନେଇ ଏହି ଗାଁ ଗଠିତ । ଏହି ପଞ୍ଚାୟତର ଶେଷ ୱାର୍ଡ(୧୫ ନଂ) ରାଜପଥ ଦ୍ୱାରା ବିଭାଜିତ ହୋଇଛି । ଗାଁରେ ଅନ୍ୟୂନ ୩୦୦ରୁ ଊର୍ଦ୍ଧ୍ୱ ପରିବାରରେ ବର୍ତ୍ତମାନ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଏହି ଗାଁର ଅଧିକାଂଶ ପରିବାର କୃଷିଜୀବୀ । ସବୁଠୁ ବଡ଼କଥା ହେଲା ଏଠାରେ ଅଧିକାଂଶ କୃଷକ ପରିବାରର ପିଲା ସେନାରେ କାର୍ଯ୍ୟ କରୁଛନ୍ତି। ସେ ଦୃଷ୍ଟିରୁ ଦେଖିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ସ୍ଲୋଗାନ 'ଜୟ ଯବାନ୍ ଜୟ କିଷାନ' ଉକ୍ତିଟି ଗାଁର କୃଷକ ଓ ଯବାନଙ୍କ ପାଇଁ ପ୍ରଯୁଜ୍ୟ । ଏହି ଗାଁର ସତ୍ୟାନନ୍ଦ ଆଇଚ, ଦେବେନ୍ଦ୍ର ଆଇଚ, ସୁମନ୍ତ ଆଇଚ, ସନ୍ତୋଷ କୁମାର ଆଇଚ, ରମେଶ ଚନ୍ଦ୍ର ଆଇଚ, ସନେନ୍ଦ୍ର ଆଇଚ ଓ ଅମରେନ୍ଦ୍ର ଧଳ ପ୍ରମୁଖ ସେନାରେ ସାମିଲ ହୋଇଥିବା ବେଳେ ଶୁଭଙ୍କର ଆଇଚ ସିଆର୍‌ପିଏଫ୍‌ରେ, ସେହିପରି ଅନ୍ୟ କେତେଜଣ ଓଡ଼ିଶା ପୋଲିସ, ଓଏସ୍‌ଏପି, ସିଆର୍‌ପିଏଫ, ଆଇଆର୍‌ବି ଏବଂ ଓଏଫ୍‌ଏସ୍ ସେବା ବିଭାଗରେ ଯୋଗଦେଇ ଦେଶର ସେବା କରୁଛନ୍ତି। ଏମିତି ଏକାଧିକ ଯୁବକ ସୈନ୍ୟବାହିନୀରେ ଯୋଗଦେଇ ଗାଁର ନାଁକୁ ଗୌରବମୟ କରିଛନ୍ତି। ଯୁବକଙ୍କର ଏହି ଦେଶସେବା ମନୋବୃତ୍ତି ଗାଁକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ପୂଜାପାର୍ବଣ ସମୟରେ ଗାଁକୁ ଛୁଟି କାଟିବାକୁ ଆସୁଥିବା ସେନା କର୍ମଚାରୀମାନଙ୍କ ଚଳଣି ଯୁବପିଢ଼ିଙ୍କୁ ପ୍ରଭାବିତ କରିଥାଏ । ଯାହାଫଳରେ ସେମାନେ ପାଠ ପଢ଼ିବା ସହ ଶାରୀରିକ ଦକ୍ଷତା ବୃଦ୍ଧିକରି ସୈନ୍ୟବାହିନୀରେ ଯୋଗଦେବାରେ ଲାଗିପଡ଼ନ୍ତି । ପରିଣାମସ୍ୱରୂପ ଗାଁରୁ ୩୭ ଜଣ ଯୁବକ ସୈନ୍ୟବାହିନୀରେ ଯୋଗଦେଇସାରିଲେଣି । ଗାଁକୁ ଫେରୁଥିବା ସୈନ୍ୟଭାଇଙ୍କ ଅନୁଭୂତିରୁ ସୈନ୍ୟବାହିନୀରେ ଯୋଗଦେବା ପାଇଁ ଯେଉଁ ଜ୍ଞାନକୌଶଳର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଆଗ୍ରହୀ ଥିବା ଯୁବତୀଯୁବକମାନେ ଆଲୋଚନାରୁ କିଛି ଶିକ୍ଷା ପାଇଥାନ୍ତି। ଅବସର ପରେ ଯେବେ ଯବାନମାନେ ଗାଁକୁ ଫେରନ୍ତି ସେଦିନ ଜୟ ଯବାନ ଧ୍ୱନିରେ ଗାଁ ସାରା ପ୍ରକମ୍ପିତ ହୁଏ। ଆୟୋଜିତ ସଭାରେ ସେନାକର୍ମଚାରୀଙ୍କ ମାତା ଓ ପିତାଙ୍କୁ ସମ୍ମାନିତ କରାଯାଇଥାଏ। ଏ ଦିଗରେ ଗାଁର ଉତ୍କଳ କ୍ଲବର ସଦସ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି । ଏଭଳି ନିଆରା କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି । ଏଥିରେ ଗାଁର ଆବାଳବୃଦ୍ଧବନିତା ଏକତ୍ରିତ ହୋଇ ଏକ ପଟୁଆରରେ ସେହି ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଗାଁ ଗାଁକୁ ବୁଲାଇଥାନ୍ତି । ଗାଁ ତରଫରୁ ଏମିତି ସମ୍ବର୍ଦ୍ଧିତ କରାଯିବାର ଏକ ଆଦର୍ଶ ପରମ୍ପରା ଏହି ଗାଁର ଯୁବପିଢ଼ିମାନଙ୍କୁ ପ୍ରେରଣା ଦେଇଥାଏ। ସୈନ୍ୟବାହିନୀରେ ଯୋଗଦେବାକୁ ଏହି ଗାଁର ଏଭଳି ପ୍ରୟାସକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଉଛି ବୋଲି କ୍ଲବର ସଦସ୍ୟମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥଳସେନାରେ ସେନା ନାୟକ ଭାବେ କାର୍ଯ୍ୟ କରୁଥିବା ଅମରେନ୍ଦ୍ର ଧଳ କୁହନ୍ତି, ଦେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବାରେ ଆତ୍ମତୃପ୍ତି ମିଳିଥାଏ । ସୈନ୍ୟବାହିନୀରେ ଚାକିରି ପାଇବାକୁ ଭଗବାନଙ୍କ ବରଦାନ ବୋଲି ମନେକରେ । ଗାଁରେ ଅନ୍ୟମାନଙ୍କ ଉତ୍ସାହ, ଯୁବ ପିଢ଼ିଙ୍କୁ ଦେଶମାତୃକାର ସେବା କରିବା ପାଇଁ ଆହ୍ୱାନ ଦିଏ । ଅବସରପ୍ରାପ୍ତ ମିଲିଟାରି ଇଞ୍ଜିନିୟରିଂ ସର୍ଭିସିଂର କେଦାର କୁମାର ଆଏଚ କୁହନ୍ତି, ସେନା କର୍ମଚାରୀ ଓ ପରିବାର ଖୁସିରେ ରହିବା ପାଇଁ ଗୁରୁତ୍ୱ ଦେଇଥାଉ । ଗାଁ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ଗଛ ଲଗାଇବା, ଗାଁ ଛକକୁ ଆଲୋକୀକରଣ ଓ ଉତ୍କଳ କ୍ଲବର ବିକାଶ ପାଇଁ ଉଦ୍ୟମ କରୁ । ସେହିପରି ଅବସରପ୍ରାପ୍ତ ସେନା କର୍ମଚାରୀ ଶୁଭ୍ରଦୀପ୍ତ ଧଳ କୁହନ୍ତି, ଗ୍ରାମର ଆରାଧ୍ୟା ଦେବୀ ମା' ବୁଢ଼ୀ ଭାଲୁଶୁଣୀଙ୍କ ପୀଠର ଉନ୍ନତି ଓ ଗାଁ କ୍ଲବକୁ ଏକ ନୂତନ ରୂପରେଖ ଦେବା ପାଇଁ ପ୍ରୟାସ ଚାଲିଛି। ଉତ୍କଳ କ୍ଲବର ସଦସ୍ୟ ଜ୍ୟୋତିପ୍ରକାଶ ବିଶ୍ୱାଳ କୁହନ୍ତି, ଏହି ଗାଁରୁ ପ୍ରାୟ ୩୭ଜଣ ଯୁବକ ସୈନ୍ୟବାହିନୀରେ ଚାକିରି କରିବା ଅତ୍ୟନ୍ତ ଗର୍ବର ବିଷୟ । ପୂଜାପାର୍ବଣରେ ଯଦି ସେମାନଙ୍କ ମଧ୍ୟରୁ କେହି ଗାଁକୁ ଆସିଥାନ୍ତି ଗାଁ ଅଧିକ ଉତ୍ସବମୁଖର ହୋଇଉଠେ । ଗାଁ ଯୁବକମାନେ ସେମାନଙ୍କ ଅନୁଭୂତିକୁ ସାଉଁଟିଥାନ୍ତି। ଶିକ୍ଷକ ସୁଧାଂଶୁ ଶେଖର ଆଏଚ କୁହନ୍ତି, ଏହି ଗାଁର ଏକାଧିକ ଯୁବକ ଦେଶ, ଜାତିର ସୁରକ୍ଷା ପାଇଁ ସୈନ୍ୟବାହିନୀରେ ଯୋଗଦେଇଛନ୍ତି, ଯାହାକି ଏହି ଗାଁ ପାଇଁ ଗୌରବର କଥା। ସେମାନେ ନିଜ ପରିବାର ଛାଡ଼ି ସୀମାନ୍ତରେ ପ୍ରତି ମୁହୂର୍ତ୍ତ ସତର୍କ ରହିବା ସହିତ ଆବଶ୍ୟକସ୍ଥଳେ ଶତ୍ରୁଙ୍କ ସହ ଲଢୁଛନ୍ତି । ତେଣୁ ସେମାନଙ୍କ ଅବଦାନ ଆମ ପାଇଁ ଅବିସ୍ମରଣୀୟ।

**ଏହି ଗାଁର ଥିଲେ ୨୩ଜଣ ଆଜାଦ୍ ହିନ୍ଦ୍ ଫୌଜୀ:**ଦେଶ ପରାଧୀନ ସମୟରେ ଦେଶରେ ବ୍ରିଟିଶ୍ ଶାସନ ଚାଲିଥାଏ। ବ୍ରିଟିଶ୍ ଶାସକଙ୍କ ଜୁଲମ ଓ ଶୋଷଣର ଶିକାର ହୋଇ ଅନେକ ଗାଁର ଲୋକ ନିଜର ରୋଜଗାର ହରାଇ ଭିଟାମାଟି ଛାଡି ରୋଜଗାର ଆଶାରେ ସୁଦୂର ରେଙ୍ଗୁନ ପଳାଉଥିଲେ । ଦିନେ ନେତାଜୀଙ୍କ ଡାକରାରେ ଗୋଟିଏ ଗାଁର ପ୍ରାୟ ତେଇଶି ଜଣ ଯୁବକ ଆଜାଦ୍ ହିନ୍ଦ୍ ଫୌଜରେ ସାମିଲ ହୋଇଥିଲେ। ସେଇ ଗାଁଟି ହେଲା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପାଇଲୋ। ଏହି ଗାଁର ବଡ଼ସାହିର ଅଧିକାଂଶ ହେଲେ ଓଡ଼ିଆ ପାଇକ । ବିଶେଷକରି ସେତେବେଳେ ଚମ୍ପାଇଲୋ ଗାଁରୁ ପ୍ରାୟ ୨୩ଜଣ ଯୁବକ ଶ୍ରମିକ ଭାବେ ରେଙ୍ଗୁନ ଯାଇ ଖଟୁଥିଲେ । ସେହି ସମୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଡାକରାରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ ହୋଇଥାଏ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚମ୍ପାଇଲୋ ଗାଁର ଯୁବକମାନେ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତ, ଲଛମନ ଶତୃଶଲ୍ୟ, ଅର୍ଜୁନ ଫତେସିଂ, ଡମ୍ବୁରଧର ସ୍ୱାଇଁ, ପତିତପାବନ ବଳିୟାରସିଂହ, ବେଲ ବରଡ଼, ସୁରେନ୍ଦ୍ର ସୁନ୍ଦରାୟ, ଜଗନାଥ ସାହୁ, ଭୋବନୀ ଦଳ ସିଂହାର, ଲୋକନାଥ ରଣସିଂହ, ଚୈତନ୍ୟ ଗୁମାନସିଂ, ଦୈତାରି ଚମ୍ପତିରାୟ, ମଙ୍ଗୁଳି ମହାନ୍ତି, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଅପର୍ତ୍ତି ମାର୍ଥା, ଅଚ୍ୟୁତ ସାମନ୍ତରାୟ, ବ୍ରହ୍ମଚାରୀ ଉତ୍ତରାୟ ପ୍ରମୁଖ।

ଏହି ଗାଁର ବ୍ରହ୍ମଚାରୀ ଉତ୍ତରାୟ ଜୀବିତ ଥିବାବେଳେ ଅନେକଥର କହିଥିବାର ଗ୍ରାମବାସୀ କୁହନ୍ତି, ସେତେବେଳେ ଦେଶର ଚାରିଆଡ଼େ ବ୍ରିଟିଶ ଶାସନ। ଓଡ଼ିଶାର ଗାଁ ଗାଁରେ ସାଧାରଣ ଲୋକଙ୍କ ଉପରେ ବହୁ କଟକଣା, ପେଟପାଟଣା ପାଇଁ ଆମେ ରେଙ୍ଗୁନ ଯାଇଥିଲୁ । ସେଠାରେ ଦିନମଜୁରିଆ ଭାବେ କାମ କରୁଥିଲୁ। ସେହି ସମୟରେ ନେତାଜୀଙ୍କ ଡାକରା ଆସିଲା, ବିଦେଶୀଙ୍କୁ ଦେଶରୁ ହାଟାଇବାକୁ ହେବ। ଏ କଥା ମନକୁ ବାରମ୍ବାର ଅଥୟ କରୁଥିଲା। ଯେତେବେଳେ ବର୍ମାର ମଙ୍ଗଳାଠାରେ ଏକ ସଭା ହୋଇଥିଲା ସେଇଠି ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇଥିଲୁ। ଗାଁର ଅନ୍ୟ ଯୁବକମାନେ ଏଥିରେ ଯୋଗଦେଇଥିଲେ। ଏଥିପାଇଁ ପ୍ରଥମେ ଆମେ ହାତ କାଟି ରକ୍ତ ଦେଇଥିଲୁ। ନେତାଜୀ ଆମ ରକ୍ତକୁ ନେଇ ମୁଣ୍ଡରେ ଲଗାଇ ଆମକୁ ଗ୍ରହଣ କରିଥିଲେ । ଆଉ କହିଥିଲେ ବିନା ରକ୍ତରେ ସ୍ୱାଧୀନତା ସମ୍ଭବ ନୁହେଁ ! ସେହିଦିନଠାରୁ ବ୍ରିଟିଶ ବିରୋଧରେ ଆନ୍ଦୋଳନ ଜୋର୍‌ଦାର ହେଲା। ସେହିଭଳି ଏହି ଗାଁର ପ୍ରମୋଦ ପ୍ରତାପ ସିଂ କୁହନ୍ତି, ଦିନ ଥିଲା ନେତାଜୀଙ୍କ ଡାକରାରେ ଆମ ଗାଁର ଏକାଧିକ ଯୁବକ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗ ଦେଇଥିଲେ। ଏହା ଆମ ପାଇଁ ଗୌରବର କଥା। ଆମ ଗାଁର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏକ କ୍ଲବ ଘର ନିର୍ମାଣ ହୋଇଛି। ପ୍ରତିବର୍ଷ ଏଠାରେ ନେତାଜୀଙ୍କ ଜୟନ୍ତୀ ଦିନ ସୁଭାଷ ବୋଷଙ୍କୁ ସ୍ମରଣ କରିବା ସହିତ ଆଜାଦ୍ ହିନ୍ଦ୍ ଫୌଜୀଙ୍କ ଦେଶପ୍ରେମ କଥାକୁ ଜାଣିବା ପାଇଁ ଗାଁରେ ସ୍ୱତନ୍ତ୍ର ସଭା କରାଯାଇଥାଏ। ଆମ ଗାଁର ପୂର୍ବପୁରୁଷମାନଙ୍କୁ ମନେପକାଇ ସ୍କୁଲର ପିଲାମାନେ ସାହି ପରିକ୍ରମା କରିଥାନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ ନାମକୁ ନେଇ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥାନ୍ତି। ଏଥିରେ ସ୍କୁଲ ପିଲାଙ୍କଠାରୁ ଆରମ୍ଭକରି ବୟସ୍କ ବ୍ୟକ୍ତିମାନେ ଯୋଗଦେଇ ଗାଁର ଗୁଣ କୀର୍ତ୍ତିକୁ ସ୍ମରଣ କରିଥାନ୍ତି। ଏହି ସଭାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶପ୍ରେମ ସମ୍ପର୍କରେ ଆଲୋଚନା କରାଯାଇଥାଏ।

କେବଳ ଏହି ତିନୋଟି ଗାଁ ନୁହେଁ ଦେଶମାତୃକାର ସେବା କରି ସଂଗ୍ରାମୀ ଗାଁର ପରିଚୟ ନେଇଥିବା ଆହୁରି ବି ଗାଁ ରହିଛି। ଯାହା ସମସ୍ତଙ୍କ ପାଇଁ ପ୍ରେରଣା।

**– ବନବିହାରୀ ବେହେରା, ରଞ୍ଜିତ ରାଉତ, ଲୋକନାଥ ମିଶ୍ର**



# ଜମ୍ପଶୁଟ୍ ଫ୍ୟାଶନ

**ଜମ୍ପଶୁଟ୍‌କୁ ଏଭରଗ୍ରୀନ୍ ଆଉଟ୍‌ଫିଟ୍ ବୋଲି ବି କୁହାଯାଏ ; ଯାହାର ଫ୍ୟାଶନ ସବୁବେଳେ ରହିଥାଏ। ଅବଶ୍ୟ ସମୟାନୁସାରେ ଏହାର ଷ୍ଟାଇଲ୍‌ରେ କିଛିଟା ପରିବର୍ତ୍ତନ ଦେଖାଯାଏ ; କିନ୍ତୁ କମ୍ଫର୍ଟେବଲ କଥା କହିଲେ ଏହା ସବୁଠୁ ଆଗରେ ଥାଏ। ତା'ହେଲେ ଆସନ୍ତୁ ଜାଣିବା ଜମ୍ପଶୁଟ୍‌ର କେତେକ ଲାଟେଷ୍ଟ ଫ୍ୟାଶନ ସମ୍ପର୍କରେ...**



* **ଭି ନେକ୍ ଷ୍ଟାଇଲ୍ ଜମ୍ପଶୁଟ୍:** ସ୍ଲିଭ୍‌ଲେସ୍ ତା'ସାଙ୍ଗକୁ ପୁଣି ଭି ନେକ୍ ଡିଜାଇନ୍ ବାଲା ଜମ୍ପଶୁଟ୍‌କୁ ଖରାଦିନିଆ ବିଚ୍ ପାର୍ଟିରେ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗେ। ଏହା ସାଙ୍ଗକୁ ସ୍ନିକର୍ସ ହେଉ ଅଥବା ସ୍ପୋର୍ଟ୍ସ ଶୁଜ୍ ବେଶ୍ ମାନିଥାଏ।
* **ଶର୍ଟ ଜମ୍ପଶୁଟ୍:** ଏହାକୁ ବି ବିଚ୍ ପାର୍ଟି ପାଇଁ ଆରାମରେ କ୍ୟାରି କରିହେବ। ଖାସ୍ କରି ଡିଜିଟାଲ୍ ପ୍ରିଣ୍ଟବାଲା ଶର୍ଟ ଜମ୍ପଶୁଟ୍ ସହିତ ଫ୍ଲୋଟର୍ସ ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଦେଖାଯାଇଥାଏ।
* **ଫ୍ଲୋରାଲ୍ ପ୍ରିଣ୍ଟେଡ୍ ଜମ୍ପଶୁଟ୍:** ବିଶେଷକରି ଅଫ୍ ହ୍ୱାଇଟ୍ କଲର୍‌ର ଫ୍ଲୋରାଲ୍ ପ୍ରିଣ୍ଟେଡ୍ ଜମ୍ପଶୁଟ୍ ଦେଖିବାକୁ ଯେମିତି ସୁନ୍ଦର ପିନ୍ଧିଲେ ବି ସେମିତି ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ବିଶେଷକରି ଖରାଦିନେ ପିନ୍ଧିବାକୁ ଏହି ଟାଇପ୍‌ର ଜମ୍ପଶୁଟ୍ ପରଫେକ୍ଟ ହୋଇଥାଏ।
* **ପୋଲ୍‌କା ଡଟ୍ ପ୍ରିଣ୍ଟ ଜମ୍ପଶୁଟ୍:** ପୋଲ୍‌କା ଡଟ୍ ପ୍ରିଣ୍ଟ ଥିବା ଆଉଟ୍‌ଫିଟ୍‌ର ଟ୍ରେଣ୍ଡ ସବୁବେଳେ ଚାଲିଥାଏ। ଏବେ ତ ଏହି ପ୍ରିଣ୍ଟ ଥିବା ଜମ୍ପଶୁଟ୍ ବି ମାର୍କେଟ୍‌କୁ ଆସିଗଲାଣି ; ଯାହା ଆଟ୍ରାକ୍ଟିଭ ଦେଖାଯିବା ସହ କମ୍ଫର୍ଟେବଲ୍ ଲାଗିଥାଏ। ଖାସ୍ କରି ଏହି ଟାଇପ୍‌ର ଜମ୍ପଶୁଟ୍ ସାଙ୍ଗକୁ ମିଡିୟମ୍ ହିଲ୍ ସ୍ୟାଣ୍ଡେଲ୍ ବେଶ୍ ସୁନ୍ଦର ମାନିଥାଏ।
* **ଅଫ୍ ସୋଲ୍ଡର ଜମ୍ପଶୁଟ୍:** ଅଫ୍ ସୋଲ୍ଡର ଜମ୍ପଶୁଟ୍ ପିନ୍ଧିବାରେ ଯଦି କିଛି ଅସୁବିଧା ହେଉଥାଏ, ତା'ହେଲେ ଏହା ଉପରେ ମ୍ୟାଚିଂ ଜ୍ୟାକେଟ୍ ପିନ୍ଧି ଟିକେ ଡିଫରେଣ୍ଟ ଲୁକ୍ ପାଇପାରିବେ। ଏବେ ତ ଫିଦରବାଲା ଜ୍ୟାକେଟ୍‌ର ବି ଖୁବ୍ ଟ୍ରେଣ୍ଡ ରହିଛି। ଯୁବତୀ ଚାହିଁଲେ ଅଫ୍ ସୋଲ୍ଡର ଜମ୍ପଶୁଟ୍ ଉପରେ ଏହି ଟାଇପ୍‌ର ଜ୍ୟାକେଟ୍‌କୁ ଟ୍ରାଏ କରି ଷ୍ଟାଇଲିଶ୍ ଦେଖାଯାଇପାରିବେ।





### ଜମ୍ପଶୁଟ୍ ଓ ମେକ୍‌ଅପ୍

ଜମ୍ପଶୁଟ୍‌କୁ ସିମ୍ପଲ୍ ଭାବେ କ୍ୟାରି କରୁଥିଲେ, ମେକ୍‌ଅପ୍ ବି ସିମ୍ପଲ୍ ନେବା ଆବଶ୍ୟକ। କିନ୍ତୁ ଯଦି ନାଇଟ୍ ପାର୍ଟି ପାଇଁ ଷ୍ଟାଇଲ୍ କରୁଛନ୍ତି, ତା'ହେଲେ ମେକ୍‌ଅପ୍ ବି ସେଇ ଅନୁସାରେ ହେବା ଦରକାର। ବିଶେଷକରି ସ୍ମୋକି ଆଇ ମେକ୍‌ଅପ୍ ଏହି ଗେଟ୍‌ଅପ୍‌କୁ ଖୁବ୍ ସୁନ୍ଦର ମାନିଥାଏ।



### ଜମ୍ପଶୁଟ୍ ଓ ଆସେସରିଜ୍

ଯଦି ଆପଣଙ୍କ ଜମ୍ପଶୁଟ୍‌ର ନେକ୍‌ଲାଇନ୍ ଡିପ୍ ହୋଇଥିବ ତା'ହେଲେ ତା'ସାଙ୍ଗକୁ ସିମ୍ପଲ ଚେନ୍ ଓ ପେଣ୍ଡେଣ୍ଟ କ୍ୟାରି କରିବା ଆଟ୍ରାକ୍ଟିଭ୍ ଲାଗିଥାଏ। ତା'ସହିତ ବେଲ୍ଟ ଓ ଷ୍ଟଡ୍ ଇୟର ରିଂ ବି ଟ୍ରାଏ କରିପାରିବେ।


### ଜମ୍ପଶୁଟ୍ ଓ ହେୟାର ଷ୍ଟାଇଲ୍

ନାଇଟ୍ ପାର୍ଟିରେ ଜମ୍ପଶୁଟ୍ ଟ୍ରାଏ କରୁଥିଲେ ତା'ସାଙ୍ଗକୁ ବେବି କର୍ଲି ହେୟାର ଷ୍ଟାଇଲ୍ କିମ୍ବା ହାଫ୍ ବନ୍ ହେୟାର ଷ୍ଟାଇଲ କଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ।



# ଗୀତି ମୋ ଜୀବନ, ଭାବ ମୋ ପ୍ରାଣ





ସମସ୍ତଙ୍କୁ ଭଲ ପାଉଥିବା, ଆପଣାର ଭାବୁଥିବା ସେ ଜଣେ ସ୍ନେହୀ ମଣିଷ। ବୃତ୍ତିଗତ ଦୃଷ୍ଟିରୁ ସେ ବ୍ୟାଙ୍କର ଜଣେ ଉଚ୍ଚପଦସ୍ଥ ଅଧିକାରୀ ହେଲେ ବି ଦୀର୍ଘ ୪ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ଜାରି ରଖିଛନ୍ତି ତାଙ୍କ ସାହିତ୍ୟ ସାଧନା । ଏହାବାଦ ସେ ଗୀତିକବିତା ରଚନା କରନ୍ତି; ଯାହା ଆକାଶବାଣୀରୁ ବହୁବାର ପ୍ରସାରିତ। ଯାହାମଧ୍ୟରେ ଆସେ– 'ତୋ ଆଖିରେ ଆଖି ମିଶିବା ଆଗରୁ', କିଏ ଜାଣୁଥିଲା ତତେ। ତୋ ଆଖିର କଥା କହିବା ଆଗରୁ କିଏ ଜାଣୁଥିଲା ତତେ।' ଏମିତିରେ ସେ ସୃଷ୍ଟି କରିପାରିଛନ୍ତି ଶତାଧିକ ଗୀତିକବିତା। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର। ସେ ହେଲେ **ବସନ୍ତ ଦାସ**। ଜନ୍ମ ୧୯୫୪ ମସିହାରେ । ଘର ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ବିଦାପଡ଼ା ଗ୍ରାମରେ । ମାତା ସୁବାସିନୀ ଓ ପିତା ଧ୍ରୁବ ଚରଣ ଦାସ। ସେ କୁହନ୍ତି, 'ଆମ ଗାଁର ଭାଗବତ ଟୁଙ୍ଗୀରେ ସବୁଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଗାନ କରାଯାଏ, ଯାହା ମୋର ପ୍ରଥମ ପ୍ରେରଣା। 'ଆମେ ତିନି ଭାଇ, ଗୋଟିଏ ଭଉଣୀ। ମୋତେ ଯେତେବେଳେ ବାରବର୍ଷ ହୋଇଥିଲା ସେହି ସମୟରେ ବାପାଙ୍କ ବିୟୋଗ ଘଟିଥିଲା। ତା'ପରେ ଆରମ୍ଭ ହୁଏ ଜୀବନରେ ସଂଘର୍ଷର ଯାତ୍ରା। ଆମେମାନେ କେମିତି ପାଠପଢ଼ି ଭଲମଣିଷ ହେବୁ ସେହି ଚିନ୍ତା ମୋ ମା'ଙ୍କୁ ଘାରୁଥିଲା। ସେଥିପାଇଁ ମୁଁ ଚାହୁଁଥିଲି କେମିତି ଭଲ ପାଠ ପଢି ମା'ଙ୍କ ସ୍ୱପ୍ନ ପୂରଣ କରିବି। ପାଠପଢା ସହ ମୋର ଲେଖାଲେଖି ବି ଚାଲିଥାଏ। ମହାବିଦ୍ୟାଳୟରେ ପଢ଼ିବା ସମୟରେ ଗଳ୍ପ, ଆଧୁନିକ କବିତା, ସିନେଟ ଲେଖୁଥିଲି। ମୋର ଗୁରୁ, ଅଧ୍ୟାପକ (କାର୍ତ୍ତିକ ରଥ, ଫନୀ ମହାନ୍ତି, ବିଭୁଦତ୍ତ ମିଶ୍ର, ରଘୁନାଥ ସେନାପତି) ମୋତେ ଗୀତିକବିତା ଲେଖିବାକୁ ପରାମର୍ଶ ଦିଅନ୍ତି । ସେବେଠାରୁ ମୋର ଆରମ୍ଭ ହୁଏ ଗୀତିକବିତାର ଯାତ୍ରା । ପ୍ରତ୍ୟେକ ଗୀତିକବିତାରେ ଭାବ, ଭାଷା, ଶବ୍ଦ ଓ ଅନୁଭୂତିକୁ ନେଇ ଲେଖୁଥିଲି। ୧୯୭୪ ମସିହାରେ ଆକାଶବାଣୀ କଟକକୁ ପଠାଇଥିବା ଗୀତିକବିତା ଗୁଡ଼ିକ ୧୯୭୭ ମସିହାରେ ସ୍ୱୀକୃତି ଲାଭକରେ। ସେ ଯାଏ ସେତେବେଳର ମଧୁପୁର କୋଠି(ଆକାଶ ବାଣୀ କଟକ କେନ୍ଦ୍ର) ଦ୍ୱାର ଦେଖି ନ ଥିଲି। ସେବେଠାରୁ ଆକାଶବାଣୀକୁ ନିଜର ସାରସ୍ୱତ ମା' ଓ ଗୀତିକବିତାକୁ ନିଜର ଆତ୍ମା ଭାବି ଅନେକ ଗୀତିକବିତା ଲେଖୁଥାଏ। ଯେଉଁ ସମୟରେ କି ମୁଁ କଟକରେ କଷ୍ଟଏକାଉଣ୍ଟାନ୍ସି ପଢୁଥିଲି। ମୋର ଏକ ଘଟଣା ମନେପଡ଼େ ଶ୍ରେଣୀରେ ମୋର ଜଣେ ଅଧ୍ୟାପକ ଆକାଶବାଣୀରୁ ଶୁଣିଥିବା ଏକ ଗୀତ କ୍ଲାସରେ ଗାଇଲେ। ଯାହାକୁ ଶୁଣି ମୁଁ ହସି ଦେଇଥିଲି । ଅଧ୍ୟାପକ ମୋତେ ଶ୍ରେଣୀଗୃହରୁ ବାହାର କରିଦେଇଥିଲେ। ସାଙ୍ଗମାନେ ଯେତେବେଳେ ସାର୍‌ଙ୍କୁ କହିଲେ ଯେ, ଏଇ ଗୀତଟି ବସନ୍ତ ଲେଖିଛି । ଏକଥା ଶୁଣି ସାର୍‌ଙ୍କ ଆଖି ଲୁହ ଛଳ ଛଳ ହୋଇଗଲା। ତା'ପରେ ସେ ମୋତେ ଶ୍ରେଣୀଗୃହକୁ ଡାକି କୋଳେଇ ନେଇଥିଲେ। ୧୯୮୩ ମସିହାରେ ମୋ ଗୀତିକବି ଜୀବନରେ ଏକ ମୋଡ଼ ଆସିଲା । ଆକାଶବାଣୀ କଟକରେ ସାକ୍ଷାତ ହୁଏ ବିଶିଷ୍ଟ କଣ୍ଠଶିଳ୍ପୀ ସୁରମଣି (ପଦ୍ମଶ୍ରୀ) ରଘୁନାଥ ପାଣିଗ୍ରାହୀଙ୍କ ସହ। ତାଙ୍କ ସହିତ ରାତିରାତି ବିତିଛି ଗୀତ ରଚନାରେ। ତାଙ୍କଠାରୁ ଆଶୀର୍ବାଦ ପାଇବା ସହ ସେ ମତେ ଶିଖାଇଲେ ସଙ୍ଗିତର ବିଭିନ୍ନ ଦିଗ ସମ୍ପର୍କରେ। ସେହି ବର୍ଷ ଆକାଶବାଣୀରେ ଡ. ସୁଧା ମିଶ୍ର ମୋର ଗୀତିକବିତା ଖାତା ଖେଳାଉ ଖେଳାଉ ସେଥିରୁ ବାଛନ୍ତି ଗୋଟିଏ ଗୀତ । ସେଇ ଗୀତ ଆକାଶବାଣୀର 'ସଜଫୁଲ' କାର୍ଯ୍ୟକ୍ରମରେ ପରିବେଷିତ ହୁଏ। ସେତେବେଳେ ପ୍ରସିଦ୍ଧ ସଂଗୀତକାର ଶ୍ରୀବତ୍ସ ପଟ୍ଟନାୟକ କହିଥିଲେ– ଏ ଗୀତ ଖୋକା (ଅକ୍ଷୟ ମହାନ୍ତି) ଙ୍କ ଛଡା ଆଉ କାହା କଣ୍ଠରେ ଭଲ ଲାଗିବ ନାହିଁ । ତେବେ ସଂଗୀତଜ୍ଞ ଅକ୍ଷୟ ମହାନ୍ତି ଗୀତଟି ପଢ଼ନ୍ତି ଓ ଗୋଟିଏ ବି ଶବ୍ଦ ନ ବଦଳାଇ ଆଗ୍ରହର ସହିତ ଗୀତଟି ଗାଇଛନ୍ତି । 'ଜଳିବାକୁ ମତେ ଦେଇଛ ଇନ୍ଧନ ଦୀପଠୁ ବଳିତା ଯାଏ' – ଏବେ ବି ସେ ଗୀତ ଆକାଶବାଣୀରେ ବହୁବାର ପ୍ରସାରିତ ।







ଥରେ ରାସ୍ତାରେ ଚାଲୁଚାଲୁ ଗୀତଟିଏ ମନକୁ ଆସେ। ଏପଟେ ଘରେ ପହଞ୍ଚିବାକୁ ପାଞ୍ଚ ମିନିଟ ଲାଗିବ। ଡେରି ହେଲେ ଗୀତଟି ଆଉ ଧରା ଦେବନି । ଅଗତ୍ୟା ଅନ୍ଧାର ଥିଲେ ବି ରାସ୍ତା କଡ଼ର ଅମରିବଣ ଭିତରେ ମିଞ୍ଜି ମିଞ୍ଜି ଜଳୁଥିବା ବତିଖୁଣ୍ଟ ତଳେ ଠିଆ ହୋଇ ଗୀତଟି ଲେଖିଦିଏ। ସେ ଗୀତକୁ ସ୍ୱର କରନ୍ତି ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଜି ନାରାୟଣ ରାଓ । ଗୀତଟି ହେଲା 'ତମେ ଗଲା ପରେ', ଯାହାକୁ ମିତାଲି ଚିନାରା ଗାଇଥିଲେ। ଆଉ ଥରେ କଟକର ତାଳଦଣ୍ଡା କେନାଲ କୂଳେ କୂଳେ ଯାଉ ଯାଉ ମନକୁ ଗୀତଟିଏ ଆସେ, ହେଲେ ପାଖରେ କାଗଜ ନାହିଁ । କେହି ପାନ ଖାଇ ଗୁଡ଼ା ହୋଇଥିବା ଖବର କାଗଜ ଟୁକୁଡ଼ା ପକାଇଥିଲେ। ସେଥିରେ ହିଁ ଲେଖିଦେଇଥିଲି ଗୀତଟିଏ, ପରେ ଦିବାକର ମହାନ୍ତି ସେ ଗୀତ ରେଡିଓରେ ଗାଇଛନ୍ତି । ଏ ଯାଏ ବାଜୁଛି । ଏମିତି ଅନେକ ଅନୁଭୂତି ରହିଛି । ଭାରତର ପ୍ରସିଦ୍ଧ ଗଜଲ ଗାୟକ ତଲତ ଅଜିଜ ତାଙ୍କ ଜୀବନର ପ୍ରଥମ ଓଡ଼ିଆ ଗଜଲ ଗାଇଛନ୍ତି, ଯାହାକୁ ମୁଁ ରଚନା କରିଥିଲି। ରଚନା କରିଥିବା ଗୀତିକବିତା ଗୁଡ଼ିକ ଆକାଶବାଣୀ,ଦୂରଦର୍ଶନ ଆଦିରେ ବହୁବାର ପ୍ରସାରିତ ହୋଇଛି। ପୂଜ୍ୟ ରଘୁନାଥ ପାଣିଗ୍ରାହୀ, ରାଧାକୃଷ୍ଣ ଭଞ୍ଜ, ଅକ୍ଷୟ ମହାନ୍ତି, ସୁଚିତ୍ରା ମହାପାତ୍ର, ଶ୍ରୀକାନ୍ତ ଦାସ, ଦିବାକର ମହାନ୍ତି, ଆରତୀ ଗୋସ୍ୱାମୀ, ଶେଖର ଘୋଷ, ମିତାଲି ଚିନାରା, ବିଷ୍ଣୁ ମୋହନ କବି, ଦୀପ୍ତି ପାଢ଼ୀ, ଶୈଳଭାମା ମହାପାତ୍ର, ଲତା ଘୋଷ, ଅଞ୍ଜଳି ମିଶ୍ର, ଅସୀମା ପଣ୍ଡା, ଡ. ବିଜୟ କୁମାର ନାୟକ, ସଂଗୀତା ପଣ୍ଡା ପ୍ରମୁଖ ବହୁ ଜଣାଶୁଣା କଣ୍ଠଶିଳ୍ପୀ ମୋ ଗୀତ ଗାଇଛନ୍ତି। ଏହାଛଡ଼ା ମୋର ଏକାଧିକ ଗୀତିକବିତା ସଙ୍କଳନ ପ୍ରକାଶ ପାଇଛି। ମୋର ଏହି ପ୍ରତିଭାର ସ୍ୱୀକୃତି ସ୍ୱରୂପ ମୁଁ ଓଡ଼ିଆ ଗୀତିକବି ସମାଜ ପୁରସ୍କାର, ଫକୀର ମୋହନ ସାହିତ୍ୟ ପରିଷଦ ଗୀତିକବି ସମ୍ମାନ, ଅଖିଳଚନ୍ଦ୍ର ଗୀତିକବି ସମ୍ମାନ, ବିରଜା ଶ୍ରୀକବି, କଳା ସୌରଭ ଗୀତିକବି, ଗୀତି ଗଙ୍ଗୋତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସ୍ମୃତିସମ୍ମାନ, ଗୋଧୂଳି ଗୀତିକବି ଆଦି ଏକାଧିକ ସମ୍ମାନ ଓ ପୁରସ୍କାର ପାଇଛି। ତେବେ ୨୦୧୪ ମସିହାରୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଭାବରେ ଅବସର ନେଇଥିବାବେଳେ ଏବେ କେବଳ ଗୀତିକବିତା ରଚନାରେ ମୋର ସମୟ ବିତୁଛି । ସତ କହିଲେ ଗୀତି ମୋ ଜୀବନ ଭାବ ମୋ ପ୍ରାଣ।

–ବନବିହାରୀ

# ବାଜୁରୀ ଘଣ୍ଟ


– ସୁପ୍ତି କର

ସ୍କୁଲ ଦିନରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ଛୁଟି ପରେ ଘର ପାଖେ ପହଞ୍ଚୁ ପହଞ୍ଚୁ ଗେଟ ଖୋଲି ଦେଇ ମୁଁ ଦାଣ୍ଡ କବାଟ ଠେଲି ଦଉଡ଼ି ଆସେ ବାରଣ୍ଡାକୁ। ଯେଉଁଠି ଜେଜେ ବସିଥାନ୍ତି ମୋ ବାଟ ଚାହିଁ, ତାଙ୍କର ସେଇ ବିକ୍ରମ ସିଂହାସନ ଭଳି ଆରାମଦାୟକ କାରୁକାର୍ଯ୍ୟପୂର୍ଣ୍ଣ ବେତ ଚୌକିଟି ଉପରେ। ଜେଜେଙ୍କ ଦେହଲଗା ସୋରିଷ ତେଲ ପିଇ ପିଇ ବେତ ଚୌକିଟା ବି ଜେଜେଙ୍କ ଭଳି ମଜଭୁତ ଆଉ ଜେଜେଙ୍କ ସୁନା ଝଳିଆ ଚକ ଚକ ଦେହପରି ଚିକ୍କଣ ହୋଇଥାଏ। ଯୌଥ ପରିବାରରେ ଘରେ ଛୁଆ ବୋଲି ଚାରି ନାତିରେ ଗୋଟେ ବୋଲି ନାତୁଣୀ ମୁଁ। ଭାଇମାନେ ତ କ୍ରିକେଟ, ଫୁଟବଲ, ଟିଉସନ ଆଦିରେ ବ୍ୟସ୍ତ। ତାଙ୍କ ପାଖେ ଜେଜେଙ୍କ ସଙ୍ଗେ କଥା ହେବାକୁ ବେଳ କାହିଁ। ହେଲେ ମୋର ସ୍କୁଲଠାରୁ ଆରମ୍ଭ କରି ସାଙ୍ଗସାଥୀ, ଶିକ୍ଷକ, ଘର ସମ୍ପର୍କ ଉପରେ ରାଗ, ରୁଷା, ଅଭିମାନ, ଆଶୀର୍ବାଦ, ପ୍ରଶଂସା, ଗାଳି ସବୁକିଛି ମୁଁ ଖୋଲିଦିଏ ଜେଜେଙ୍କ ଆଗରେ କାହାଣୀ ପେଡ଼ି ଭଳି। ଜେଜେ ସତେକି ପିଇଯାଆନ୍ତି ମୋ' କଥାକୁ। ବେଳେବେଳେ ଜେଜେମା ବିରକ୍ତ ହୋଇ କହୁଥାଏ– ହଇଓ ! ଭାତ ଥାଳିଟା ବଢ଼ାହୋଇ ତେଣେ ଶୁଖିବାକୁ ବସିଲାଣି, ଏଣେ ତୁମେ ନାତୁଣୀ ଗପ ଶୁଣୁଥାଅ। ଜେଜେଙ୍କର କିନ୍ତୁ ସିଆଡ଼େ ନିଘା ନଥାଏ। ସେ କହୁଥାନ୍ତି– ହଁ ବାଜୁରୀ ଘଣ୍ଟ, କହ କହ ତା'ପରେ କ'ଣ ହେଲା ? ମୁଁ ସବୁବେଳେ ତାଙ୍କ ସହ ବକ ବକ କରେ ବୋଲି ମୋ ନାଁ ଦେଇଥିଲେ ବାଜୁରୀଘଣ୍ଟ। ଜେଜେମା ପୁଣି ପାଟିକରେ ଓହୋ! ବାଜୁରୀ ଘଣ୍ଟର ଶବ୍ଦ ଦି'ଟା କାନରେ ନପଡିଲେ ଦିନ ସରୁନି ଆଙ୍କର। ଝିଅ ଜନମ ପରଘରକୁ। ବିଦା ହେଲେ କେତେ ଶୁଣିବ ? କାହିଁକି ଏ ମାୟା ପାଳୁଛ ଶୁଣେ ? ଅନ୍ତେ ଦୁଃଖ ପାଇବା ହିଁ ସାର ହେବ। ସତକୁସତ ପଢ଼ା ସରୁ ସରୁ ବାହାଘର ପ୍ରସ୍ତାବ ଯେମିତି ଚାହିଁ ବସିଥିଲା। ହାତକୁ ଦି'ହାତ ହୋଇଗଲି। ପତି ବିଦେଶରେ। ବାହୁଡାଣୀ ଆସିବାକୁ ବି ତର ନାହିଁ। ସବୁ ସ୍ନେହ, ଶ୍ରଦ୍ଧା ପଛ କରି ପତିଙ୍କ ସଙ୍ଗେ ଉଡ଼ିଗଲି ଫୁର୍‌କିନା। ହଠାତ୍ ଦିନେ ଖବର ପାଇଲି ଜେଜେ ପଡ଼ି ମୁଣ୍ଡରେ ଭୀଷଣ ଆଘାତ ପାଇଛନ୍ତି। ମନ ମାନିଲାନି। କୌଣସିମତେ ଟିକେଟ କରି ଧାଇଁ ଆସିଲି। ମୁଁ ବାଟସାରା ଭାବୁଥାଏ ଗପିବି, ଜେଜେ ତୁମ ଭଳି ଏ ବିଦେଶ ଭୂଇଁରେ ଜେଜେ ନାହାନ୍ତି। ଖୁବ୍ ନିଃସଙ୍ଗ, ଏକୁଟିଆ ଜୀବନ ଏଠି। ଘର ପାଖେ ପହଞ୍ଚି ସେମିତି ଗେଟ ମୁକୁଳା କରି ଧାଇଁଗଲି ଜେଜେଙ୍କ ପାଖକୁ। ଜେଜେ ଯେମିତି ମୋ ବାଟ ଠିକ ଆଗଭଳି ଚାହିଁ ବସିଥିଲେ। ମୁଣ୍ଡରେ ବ୍ୟାଣ୍ଡେଜ ଥିଲା। କାନ ପାଖରେ ଷ୍ଟିଚ ତା' ଉପରେ ପଟି। ମୁଁ ଗପି ଚାଲିଥିଲି ଅନର୍ଗଳ। ହେଲେ ଜେଜେ କିଛି କହୁନଥିଲେ। ଖାଲି ଲୁହଲୁହ ଅନାଇଥିଲେ। ଆଖିରେ ତାଙ୍କର ଲୁହ ଟଳମଳ କରୁଥିଲା। ଜେଜେମା' ପଣତରେ ଆଖି ପୋଛି ପୋଛି ବାହୁନୁ ଥିଲା– ଜେଜେ ଆଗରେ ବକ ବକ ହେବାର ସୁଖ ତୋର ସଇଲା ଲୋ ବାଜୁରୀଘଣ୍ଟ!

ଆଃ! ଇଏ କ'ଣ ଦୁର୍ଘଟଣା ପରେ କାନରେ ଆଉ ଶୁଣି ପାରୁନାହାନ୍ତି ଜେଜେ। ମୋ ଶବ୍ଦସବୁ ଖଣ୍ଡ ଖଣ୍ଡ ହୋଇ ମିଳେଇ ଯାଉଥିଲେ ଆକାଶରେ। ମୁଁ ନିଃଶବ୍ଦ ହୋଇ ଚାହିଁ ରହିଥିଲି। ଝର ଝର ହୋଇ ବହି ଯାଉଥିଲା ଆମ ଦୁହିଁଙ୍କ ଆଖିର ଲୁହ। ଜେଜେ କୋହଭରା କଣ୍ଠରେ ଖାଲି କହୁଥିଲେ, ସତେକି ହୃଦୟରେ ସାଇତା ବହୁଦିନର କାହାଣୀ ପେଡ଼ି ସେ ଖୋଲିଦେଇଥିଲେ ଆଉ ପାଲଟି ଯାଉଥିଲେ ମୋ ବାଜୁରୀଘଣ୍ଟ।

– ଜେ.ଏନ୍. ଲେନ, ରାଉରକେଲା
ମୋ: ୯୪୩୮୩୯୩୮୩୮





## ଘର

-କୃଷ୍ଣ କୁମାର ମହାନ୍ତି

ଗଢ଼ି ଜାଣିଥିଲେ ଗଢ଼ିଥାନ୍ତି ଗୋଟେ ଘର ।
ନଡ଼ା, ବାଉଁଶ କଣିର ଛପର ତଳେ
ମାଟିକାନ୍ଥ, ଗୋବର ଲିପା ପିଣ୍ଡା
ତାଟି ପାଖକୁ ତୁଳସୀ ଚଉରା ଯଥେଷ୍ଟ ।
ଖୁବ୍ ବେଶୀରେ ବାରିପଟ ଶାଗ ପଟାଳି
ଚାଳ ଉପରେ କଖାରୁ ଡଙ୍କ, ମାଟି ହାଣ୍ଡି
ମୋର ସମ୍ବଳ।
ଗୋଟେ ଭଲ ଘରର ମୁରବୀ ହେବାକୁ
ମନ ଥିଲା ଢେର୍
ଏବେ ଘର ହିଁ ତ
ମନେ ପଡୁ ନଥିବା ସ୍ୱପ୍ନ।
ଯେଉଁ ଘରେ ରହିଲି ଏତେଦିନ
ଆଜି ବୁଝୁଛି ସେ ଘର ଆଉ କାହାର।
ମୁଣ୍ଡ ଉପରେ ଆକାଶ,
ପାଦତଳେ ମାଟି
ହାତ ପାଖରେ ପକ୍ଷୀ, କଣ୍ଢାବୁଦା
ସବୁ ମିଛ।
ଜାଣୁଛି
ଘରଟିଏ କରିବାରେ ଅପାରଗ ତ
ବେଘର ହେବା ହିଁ କପାଳ।


–ଫକୀରମୋହନ ନଗର,
ବାଲେଶ୍ୱର
ମୋ : ୭୦୦୮୮୪୫୯୨୦

## ଅଶ୍ରୁ....

-ରଜତ ମହାନ୍ତି

ପଞ୍ଜରା ଭିତରେ
ଥିବା କୋହର ସେ
ସ୍ୱଚ୍ଛ ପ୍ରତିଛାୟା ଟିଏ,
ତୁମେ ଅଣଦେଖା
କରିପାର ହେଲେ
ଅଶ୍ରୁ ତା କାହାଣୀ କହେ।

–ବଳଗଣ୍ଡି, ପୁରୀ
ମୋ:୮୯୦୮୦୬୬୫୬୨





## ସବୁ ଭାଗ୍ୟର ଖେଳ

ତାମିଲ ହେଉ କି ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ଜ୍ୟୋତିକା। ନିଜ ଅଭିନୟ ଦକ୍ଷତା ବଳରେ ସେ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। କେବଳ ସେତିକି ନୁହେଁ, ଏଥିପାଇଁ ସେ ସାଉଣ୍ଟିଛନ୍ତି ଅନେକ ପ୍ରଶଂସା ଆଉ ପୁରସ୍କାର। ଅନେକ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ସେ। ହେଲେ ନିଜ ସଫଳ କ୍ୟାରିୟରର ସମସ୍ତ ଶ୍ରେୟ ସେ ନିଜ ଭାଗ୍ୟକୁ ଦେଇଛନ୍ତି। ନିଜର ଲମ୍ବା କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଭାଗ୍ୟଦେବୀ ଯଦି ପ୍ରସନ୍ନ ହେଲେ ତେବେ ସବୁକିଛି ଠିକ୍ ଠାକ୍ ଚାଲେ। ମୋତେ ପ୍ରତିଟି ସିନେମାରେ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ମୁଁ ଠିକ୍ ଭାବରେ ତୁଲାଇବାକୁ ଚେଷ୍ଟା କରିଛି। ଦର୍ଶକଙ୍କର ଭଲ ପାଇବା ଲାଗି ଆଜି ମୁଁ ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି। ମୋ ଭାଗ୍ୟରେ ଯଦି ଜଣେ ଅଭିନେତ୍ରୀ ହେବାର ସୁଯୋଗ ନ ଥାନ୍ତା ତେବେ ମୁଁ ଏ କ୍ଷେତ୍ରରେ ଆଦୌ ସଫଳ ହୋଇ ନ ଥାନ୍ତି।' ତାମିଲ ଫିଲ୍ମ 'ବାଳି' (୧୯୯୯)ରୁ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ଫିଲ୍ମ ଥିଲା 'ଟାଗୋର', ଯାହାର ନାୟକ ଭୂମିକାରେ ଦେଖାଦେଇଥିଲେ ଚିରଞ୍ଜିବୀ। ଏହି ଫିଲ୍ମଟିର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତା'ସହ ସେ କେତୋଟି ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିସାରିଛନ୍ତି।



ଜ୍ୟୋତିକା

## ସତେଇଶ ବର୍ଷ ପରେ..


ପୂଜା ଭଟ୍ଟ

ଥରେ ମନେ ପକାନ୍ତୁ ନା ଜେ.ପି. ଦତ୍ତାଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଦେଶାତ୍ମବୋଧକ ଫିଲ୍ମ 'ବର୍ଡର'କୁ। ଏହାର ଅନ୍ୟତମ ଅଭିନେତା ଥିଲେ ସୁନୀଲ ସେଟ୍ଟି। ଆଉ ଏଥିରେ ପୂଜା ଭଟ୍ଟ ମଧ୍ୟ ଅଭିନୟ କରିଥିଲେ। ଯଦିଓ ଏହି ଚଳଚ୍ଚିତ୍ରରେ ଦୁହେଁ ସ୍କ୍ରିନ୍ ଶେୟାର କରି ନ ଥିଲେ, ହେଲେ ଫିଲ୍ମଟି ୧୯୯୭ରେ ରିଲିଜ ହୋଇ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଏବେ କିନ୍ତୁ ସୁନିଲ ସେଟ୍ଟି ଓ ପୂଜାଙ୍କୁ ନେଇ ଏକ ନୂଆ ଆକ୍ସନ-ଥ୍ରୀଲର ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ଏ ବିଷୟରେ ସୂଚନା ଦେଇ ପୂଜା କହନ୍ତି, 'ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ମୁଁ ସୁନୀଲଙ୍କ ସହ ଅଭିନୟ କରିବାକୁ ଯାଉଛି। ପ୍ରଥମେ ଦୁହେଁ 'ବର୍ଡର'ରେ ଆକ୍ଟିଂ କରିଥିଲୁ। ଯଦିଓ ସେଥିରେ ମୁଁ ତାଙ୍କର ନାୟିକା ନ ଥିଲି। ତେବେ ଏକାଠି ଗୋଟିଏ ଚଳଚ୍ଚିତ୍ରରେ କାମ କରିଥିଲୁ। ଆଉ ଏବେ ୨୭ ବର୍ଷ ପରେ ଦୁହେଁ ଏକାଠି କ୍ୟାମେରା ସାମ୍ନା କରିବୁ। ଏହି ନୂଆ ପ୍ରୋଜେକ୍ଟର କାହାଣୀ ରହସ୍ୟ, ରୋମାଞ୍ଚ ଉପରେ ଆଧାରିତ। ଏଥିରେ ମୁଁ ଜଣେ ମହିଳା ଶିଳ୍ପପତି ଭୂମିକାରେ ଅଭିନୟ କରୁଛି। ଫିଲ୍ମଟିର ଟାଇଟଲ ଫାଇନାଲ ହୋଇନାହିଁ। ସୁନୀଲ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ରୋଲ୍‌ରେ ଦେଖାଦେବେ।' ତେବେ ଏହି ସିନେମାରେ କି ମସଲା ଅଛି ତାହା ରିଲିଜ ପରେ ହିଁ ଜଣାପଡିବ।


## ପ୍ରସ୍ତୁତ ହେଉଛନ୍ତି ସୁଧାକର


ସୁଧାକର ବସନ୍ତ

ଓଡ଼ିଆ ସିନେମା ଜଗତରେ ପ୍ରଥମେ କୋରିଓଗ୍ରାଫର ଭାବରେ ଏଣ୍ଟ୍ରି କରିଥିଲେ ସୁଧାକର ବସନ୍ତ। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଯୋଜକ ଅନାମ ଚରଣ ସାହୁ 'ମିତରେ ମିତ' ଫିଲ୍ମରେ ତାଙ୍କୁ ନିର୍ଦ୍ଦେଶକ ଭାବରେ ବ୍ରେକ୍ ଦେଇଥିଲେ। ପ୍ରଥମ ସିନେମାଟି ଦର୍ଶକାଦୃତ ହେବା ପରେ ନିର୍ଦ୍ଦେଶକ ଭାବରେ ସେ ନିଜ କ୍ୟାରିୟରକୁ ଆଗେଇ ନେଇଚାଲିଛନ୍ତି। ତାଙ୍କ ନିର୍ଦ୍ଦେଶିତ ତଥା ଅନୁଭବ ମହାନ୍ତିଙ୍କ ଅଭିନୀତ 'ବାଲୁଙ୍ଗା ଟୋକା' ବକ୍ସ ଅଫିସରେ ଆଶାତୀତ ବିଜନେସ୍ କରିଥିଲା। କିଛି ମାସ ପୂର୍ବେ ସେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଆଉ ଏବେ ଚେନ୍ନାଇରେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପୁଣି ଥରେ ମଇଦାନକୁ ଓହ୍ଲାଇବାକୁ ଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ତାଙ୍କ ନିର୍ଦ୍ଦେଶିତ ଦୁଇଟି ସିନେମା-'ସଲାମ ଭୁବନେଶ୍ୱର' ଏବଂ 'ହିଟଲର' ରିଲିଜ ଅପେକ୍ଷାରେ ରହିଛି। ସେପଟେ ବର୍ଷା ପ୍ରିୟଦର୍ଶିନୀକୁ ନେଇ ପ୍ରସ୍ତୁତ ହେଉଛି ଆଉ ଏକ ଫିଲ୍ମ 'ୱାଇଫ', ତା'ର ମଧ୍ୟ ସେ ନିର୍ଦ୍ଦେଶନା ଦେଉଛନ୍ତି। 'ସଲାମ ଭୁବନେଶ୍ୱର'ର ନାୟକ ରାଜବୀର ଦେଓ ସାଜିଥିବା ବେଳେ ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ପ୍ରଯୋଜିତ 'ହିଟ୍‌ଲର'ର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଦୀପକ। ସୁଧାକର ବସନ୍ତ କୁହନ୍ତି, 'ଏହି ଫିଲ୍ମଦ୍ୱୟକୁ ନେଇ ଢେ଼ର ଆଶା ରଖିଛି। ସିନେମାଟିଏ ନିର୍ଦ୍ଦେଶନା ଦେବା ବେଳେ ମୁଁ ସବୁବେଳେ ଏହାର କାହାଣୀ, କଳାକାର ଚୟନ, ସଙ୍ଗୀତ, ସଂଳାପ ଏବଂ ଉପସ୍ଥାପନା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଥାଏ। ମୋ ନିର୍ଦ୍ଦେଶିତ ସିନେମାଗୁଡିକୁ ଦର୍ଶକ ଗ୍ରହଣ କରିଛନ୍ତି, ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିରଋଣୀ।' ତେବେ ଏହି ଫିଲ୍ମଦ୍ୱୟ ବକ୍ସ ଅଫିସରେ କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।

## ନୂଆ ଲୁକ୍‌ରେ ଭିକି

'ଉରି' ଫେମ୍ ଭିକି ଇତି ମଧ୍ୟରେ ଅନେକ ସିନେମାରେ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ବର୍ତ୍ତମାନ ସେ ଏକ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମଟିର ଟାଇଟଲ ରହିଛି 'ଛାୱା'। ଛତ୍ରପତି ଶିବାଜୀଙ୍କ ପୁତ୍ର ଛତ୍ରପତି ଶମ୍ଭାଜୀ ମହାରାଜଙ୍କ ଜୀବନୀକୁ ନେଇ ଏହାକୁ ନିର୍ମାଣ କରାଯାଉଛି। ଆଉ ଏହି ଐତିହାସିକ ଭୂମିକାରେ ଭିକି ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଅଫରଟି ମୋତେ ମିଳିଲା, ସେତେବେଳେ ତାହାକୁ କିପରି ତୁଲାଇବି, ସେ ନେଇ ଦ୍ୱନ୍ଦ୍ୱରେ ପଡିଥିଲି। କିନ୍ତୁ ନିର୍ଦ୍ଦେଶକଙ୍କ ସହ ଅନେକ ସମୟ ଆଲୋଚନା ପରେ ଏହାକୁ ନେଇ ମୋ ମନ ଭିତରେ ଥିବା ସମସ୍ତ ପ୍ରଶ୍ନଗୁଡିକର ସହଜ ସମାଧାନ ସୂତ୍ର ପାଇଯାଇଥିଲି। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ଏହି ଚଳଚ୍ଚିତ୍ର ପାଇଁ ଭିକି ପ୍ରାୟ ୨୫ କି.ଗ୍ରା. ଓଜନ ବଢାଇଛନ୍ତି। ଲମ୍ବା କେଶ, ଲମ୍ବା ଦାଢି, ମଥାରେ ଚନ୍ଦନ, ଗଳାରେ ରୁଦ୍ରାକ୍ଷମାଳା ପିନ୍ଧିଥିବା ତାଙ୍କର ଶମ୍ଭାଜୀ ମହାରାଜ ଲୁକ୍‌ର ଏକ ଫଟୋ ଶୁଟିଂ ସେଟ୍‌ରୁ ଲିକ୍ ବି ହୋଇଛି। ଏଇ ନୂଆ ଲୁକ୍‌ରେ ଭିକି ବେଶ୍ ଆକର୍ଷକ ଲାଗୁଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଶ୍ମିକା ମନ୍ଦାନା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଲକ୍ଷ୍ମଣ ଉତେକର।


ଭିକି

## ମାତ୍ର ୧୬ ବର୍ଷ ବୟସରେ..

ଥରେ ମନେ ପକାନ୍ତୁ ନା ସେହି ଲୋକାଦୃତ ଗୀତ 'ହମ୍ ତୁମ୍ ଏକ କମ୍‌ରେ ମେଁ ବନ୍ଦ ହୋ..'। ଏହି ଗୀତଟି ଦୃଶ୍ୟାୟିତ ହୋଇଥିଲା ଋଷି କପୁର ଏବଂ ଡିମ୍ପଲ କାପାଡିଆଙ୍କ ଉପରେ। ଆଉ ଫିଲ୍ମର ଟାଇଟଲ ଥିଲା 'ବବି'। ରାଜ କପୁର ଏହି ରୋମାଣ୍ଟିକ ସିନେମା ପାଇଁ ଜଣେ ନବାଗତାଙ୍କ ସନ୍ଧାନରେ ଥିଲେ। ଶେଷରେ ସେ ଡିମ୍ପଲଙ୍କୁ ଏଥିପାଇଁ ସାଇନ୍ କରାଇଥିଲେ। ସେତେବେଳେ ତାଙ୍କର ବୟସ କେତେ ହୋଇଥିଲା ଜାଣନ୍ତି? ମାତ୍ର ୧୬ ବର୍ଷ। ଏତେ କମ୍ ବୟସରେ ଡିମ୍ପଲ ନିଜ ଅଭିନୟ ଦକ୍ଷତାର ପରିଚୟ ଦେଇ ରାତାରାତି ଷ୍ଟାର ପାଲଟି ଯାଇଥିଲେ। ୧୯୭୩ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହେବା ସହ ପାଖାପାଖି ୩୧ କୋଟି ବିଜନେସ୍ କରିଥିଲା। ଏହାର କାହାଣୀ ବ୍ୟତୀତ ଲକ୍ଷ୍ମୀକାନ୍ତ-ପ୍ୟାରେଲାଲ୍‌ଙ୍କ ସୁମଧୁର ସଙ୍ଗୀତ ବେଶ୍ ଲୋକାଦୃତ ହୋଇଥିଲା। ପୁଣି ଏହି ବୟସରେ ଡିମ୍ପଲ ରାଜେଶ ଖାନ୍ନାଙ୍କୁ ବିବାହ ମଧ୍ୟ କରିଥିଲେ।

## କେବଳ ମହେଶଙ୍କ ପାଇଁ..

ପ୍ରାୟ ଅନେକଙ୍କ ମନରେ ଧାରଣା ଅଛି ଯେ, କ୍ରୀତି ସାନନ୍‌ଙ୍କ ପ୍ରଥମ ସିନେମା ହେଉଛି 'ହେରୋପନ୍ତୀ'। କିନ୍ତୁ ତାହା ଠିକ୍ ନୁହେଁ, ଏହି ହିନ୍ଦୀ ସିନେମା ପୂର୍ବରୁ ସେ ଏକ ତେଲୁଗୁ ଫିଲ୍ମ 'ୱାନ : ନିନୋକ୍କାଡିନି'ରେ ଅଭିନୟ କରିସାରିଥିଲେ। ହେଲେ ଏହି ଚିତ୍ରରେ ସେ କାହା ସହ ଅଭିନୟ କରିଥିଲେ ଜାଣନ୍ତି ? ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ମହେଶ ବାବୁଙ୍କ ସହ। ଏହାପୂର୍ବରୁ କ୍ରୀତି ମଡେଲିଂ ଏବଂ ବିଜ୍ଞାପନ ସହ ଜଡିତ ଥିଲେ। ମହେଶ ବାବୁଙ୍କ ସହ ଅଭିନୟ କରିବା ପରେ ତାଙ୍କୁ ଯେମିତି ଏକ ନୂଆ ରାସ୍ତା ମିଳିଯାଇଥିଲା। ଏ ସମ୍ପର୍କରେ କ୍ରୀତି କହନ୍ତି, 'ମୁଁ ପ୍ରଥମେ ଏକ ତେଲୁଗୁ ଫିଲ୍ମରେ ଆକ୍ଟିଂ କରିଥିଲି। ଏଥିରେ ମହେଶ ବାବୁ ଅଭିନୟ କରୁଥାଆନ୍ତି। ଆକ୍ଟିଂ ନେଇ ମୋ ମନରେ ଥିବା ଅନେକ କଥାର ସମାଧାନ ସେ କରିଦେଇଥିଲେ। କେବଳ ସେତିକି ନୁହେଁ ସେହି ସମୟରେ ସେ ମୋତେ ଯେଉଁ କେତୋଟି ଟିପ୍ସ ଦେଇଥିଲେ ତାହା ମୋ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଛି। ଏ ନେଇ ମୁଁ ତାଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ। ତା'ପରେ ମୁଁ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିବାକୁ ସ୍ଥିର କରିଥିଲି। କ୍ରୀତିଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ହେଉଛି-'ଦିଲୱାଲେ', 'ରବ୍‌ତା', 'ବରେଲି କି ବର୍‌ଫି', 'ଲୁକ୍କା ଛୁପି', 'ଆଦି ପୁରୁଷ', 'ମିମି', 'ହାଉସଫୁଲ-୪', 'ପତି ପତ୍ନୀ ଔର ଓ', 'ବଚ୍ଚନ ପାଣ୍ଡେ, 'ହେରୋପନ୍ତୀ-୨' ଏବଂ 'ଗଣପଥ' ଆଦି।


କ୍ରୀତି ସାନନ୍

## ପ୍ରଥମ ପସନ୍ଦ ଥିଲେ ଜାହ୍ନବୀ

ବେଳେବେଳେ ସାମାନ୍ୟ ଭୁଲ ପାଇଁ ଭଲ ସୁଯୋଗ ହାତରୁ ଖସି ଯାଇଥାଏ। ଆଉ ସେଥିରୁ ବା କଳାକାର ବାଦ୍ ପଡିବେ କିପରି ? ଦେଖୁନାହାନ୍ତି, ଏକ ଭଲ ଚାନ୍ସକୁ ହାତଛଡା କରି ଏବେ କେମିତି ସେକଥାକୁ ମନେ ପକାଉଛନ୍ତି ଜାହ୍ନବୀ କପୁର। ୨୦୧୮ରେ ରୋହିତ ସେଟ୍ଟିଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ଶିମ୍ବା'। ମାତ୍ର ୮୦ କୋଟି ବଜେଟରେ ନିର୍ମିତ ଏହି ଫିଲ୍ମଟି ସେ ସମୟରେ ପାଖାପାଖି ୪୦୦କୋଟି ବିଜନେସ୍ କରିବାରେ ସକ୍ଷମ ହୋଇଥିଲା। କିନ୍ତୁ ଏହାର କାଷ୍ଟିଂ ସମୟରେ ରଣବୀର ସିଂଙ୍କ ଅପୋଜିଟ୍‌ରେ ରୋହିତ ପ୍ରଥମେ ଜାହ୍ନବୀଙ୍କୁ ନେବାକୁ ଠିକ୍ କରିଥିଲେ। ଏ ନେଇ ତାଙ୍କୁ ଯେତେବେଳେ ଯୋଗାଯୋଗ କରାଗଲା ସେତେବେଳେ 'ମୋ ପାଖରେ ଏବେ ସମୟ ନାହିଁ' କହି ସେ ଏହି ଅଫରଟିକୁ ହାତଛଡା କରିଥିଲେ। ପରବର୍ତ୍ତୀ ସମୟରେ ଜାହ୍ନବୀଙ୍କ ସ୍ଥାନରେ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଥିଲା। ଏ ସମ୍ପର୍କରେ ଜାହ୍ନବୀ କୁହନ୍ତି,'ଏବେ ସେ କଥା ମନେ ପଡିଲେ ଭାରି ଦୁଃଖ ଲାଗେ। କାରଣ ସେତେବେଳେ ମୋ ପାଖରେ ସମୟ ନ ଥିଲା। ତେଣୁ ମୁଁ ରୋହିତ ସେଟ୍ଟିଙ୍କ ପରି ନିର୍ଦ୍ଦେଶକଙ୍କ ଅଫର୍‌କୁ ମନା କରିଥିଲି। କଳାକାର ଜୀବନରେ ଏମିତି ଅନେକ ଘଟଣା ଘଟିଥାଏ। ହେଲେ ତାହାକୁ ନେଇ ଅନୁଶୋଚନା କଲେ କିଛି ଲାଭ ନାହିଁ। ଯାହା ଘଟିଯାଇଛି ତାହା ଅତୀତ। ଆମକୁ ସବୁବେଳେ ବର୍ତ୍ତମାନକୁ ନେଇ ଚାଲିବାକୁ ପଡିବ।'


ଜାହ୍ନବୀ

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାରର ଶିହରଣ ଏବେ ବି ଅନୁଭବ କରେ



କବି, ସ୍ତମ୍ଭକାର ତଥା ପ୍ରଶାସନିକ ଅଧିକାରୀ **ସୌମ୍ୟଶ୍ରୀ ପାଣିଗ୍ରାହୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ସ**ବୁବେଳେ ନାହିଁ ନାହିଁର ଜୀବନ ଜିଇଆସିଥିବା, ସବୁକଥାରେ କାଣ୍ଟଛାଣ୍ଟ କରୁଥିବା, ଅୟସର ସ୍ୱପ୍ନ ଦେଖିବାକୁ ନିଜ ମନକୁ ହାଲ୍‌କା ଭାବେ ଆକଟ କରୁଥିବା ୨୦/୨୨ ବର୍ଷର ଯୁବକ ହାତରେ ଯଦି ଅଚାନକ ପଇସାର ବିଡ଼ାଟେ ଧରେଇ ଦିଆଯାଏ, ସିଏ ହୁଏତ ଖୁସିରେ ପାଗଳ ହୋଇଯିବ। ମୋ ଅବସ୍ଥା ବି ଠିକ୍ ସେୟା ହୋଇଥିଲା। ଯେତେବେଳେ ମୋ ଗୁରୁ ସାକେତ ସାର୍ ମୋ ହାତକୁ ବଢ଼େଇ ଦେଲେ ନୂଆ ୧୦୦ ଟଙ୍କିଆ ବିଡ଼ା ଦୁଇଟି ; ତାହା ଥିଲା ମୋ ଜୀବନର ପ୍ରଥମ ରୋଜଗାର ୨୦ ହଜାର ଟଙ୍କା। ଆପଣ କହିପାରନ୍ତି ମୋ ଛାତ୍ରଜୀବନର ପ୍ରଥମ ଦରମା। କୃଷି ଅର୍ଥନୀତିରେ ସ୍ନାତକୋତ୍ତର ଛାତ୍ର ଭାବେ ମୁଁ ସେତେବେଳେ ପଢୁଥାଏ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ। ପାଠ ସିନା ଅର୍ଥନୀତି କିନ୍ତୁ ହାତରେ ଅର୍ଥ ରହୁ ନ ଥାଏ। ସେତେବେଳକୁ ମୁଁ ପ୍ରାୟ ୮ ବର୍ଷ ହଷ୍ଟେଲରେ ରହିସାରିଥାଏ। କେବେ ଭୁବନେଶ୍ୱରର ଭଡ଼ାଘରେ ତ କେବେ ଚିପିଲିମା କୃଷି ମହାବିଦ୍ୟାଳୟରେ। ବାପା/କକା ନିୟମିତ ଭାବେ ପଇସା ପଠାନ୍ତି। ପଢ଼ାଖର୍ଚ୍ଚ ବାଦ୍ ଆଉ ଅଳ୍ପ କିଛି ବଳକାରେ ମାସଯାକ ଚଳିଯିବା କଥା। ଆଉ ମଉଜମସ୍ତି କଥା ଭାବିବା ମନା। ନିଶା ଘାରିଥାଏ ପାଠ ପଢ଼ିବି, ଅଧ୍ୟାପକ ହେବି, ପିଲାଙ୍କୁ ପଢ଼େଇବି, ପୁଣି ନିଜେ ଆହୁରି ପଢ଼ିବି। ଏମିତି ଗୋଟେ ଝୁଙ୍କ୍‌ରେ ପଢ଼ା ଚାଲିଥାଏ। ରୋଜଗାରର ଚିନ୍ତା ସେ ଝୁଙ୍କ୍‌ରେ ଧୀରେ ଧୀରେ କୁହୁଳିବାରେ ଲାଗିଥାଏ। ଏଣେ ବୟସ ବଢ଼ିଚାଲିଥାଏ। ପାଠପଢ଼ା ମୋଟାମୋଟି ସରିଆସୁଥାଏ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ମଧ୍ୟଭାଗରେ ମୋ ଗାଇଡ୍ (ସାକେତ ସାର ; ଯିଏ ଏବେ ଅରୁଣାଚଳ ପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ କୁଳପତି)ଙ୍କ ପାଖକୁ ଏକ ଅନ୍ତର୍ଜାତୀୟ ସଂସ୍ଥାର ପ୍ରକଳ୍ପଟିଏ ଗବେଷଣା ପାଇଁ ଆସିଲା। ସେ ମୋତେ ସେଥିରେ ସାମିଲ କରିନେଲେ ଏବଂ ପାରିଶ୍ରମିକ କିଛି ମିଳିବ ବୋଲି କହିଥିଲେ। ପ୍ରାୟ ୨ ମାସ ପରେ ସେ ପ୍ରକଳ୍ପ ସରିଆସିଲା ବେଳକୁ ସାର୍ ମୋ ହାତକୁ ୨୦ ହଜାର ଟଙ୍କା ବଢ଼େଇ ଦେଲେ ; ଯାହା ଥିଲା ମୋ ଦୁଇମାସ ପରିଶ୍ରମର ମୂଲ୍ୟ, ଆଉ ମୋର ପ୍ରଥମ ରୋଜଗାର। ସେଥିରୁ କିଛି ଗଲା କାଶୀ ବିଶ୍ୱନାଥଙ୍କ ହୁଣ୍ଡିକୁ, ଆଉ କିଛି ସେଠାକାର ପୂଜକଙ୍କ ପକେଟକୁ। ନିଜ ସାଙ୍ଗମାନଙ୍କୁ ଭୋଜିଟିଏ ଦେଇସାରି ବାପାଙ୍କ ପାଇଁ ଗୋଟେ ଶାର୍ଟ, ବୋଉ ଲାଗି ଶାଢ଼ିଟିଏ କିଣିସାରିଲା ପରେ ବି ପକେଟରେ ଥାଏ ଆହୁରି କେଇଖଣ୍ଡ ୧୦୦ ଟଙ୍କିଆ ନୋଟ୍। ସେ ସବୁ ସାଇତା ହୋଇ ରହିଲା ଆମ ଗାଁ ଠାକୁର ଦାମୋଦର ଜୀଉଙ୍କ ପାଇଁ। ମୋଟାମୋଟି ସ୍ୱପ୍ନର ପାହାଡ଼ ଉପରକୁ ଚଢ଼ିବା ପାଇଁ ସେଇ ପ୍ରଥମ ରୋଜଗାର ଯଥେଷ୍ଟ ନ ଥିଲେ ବି ପ୍ରଥମ ପାହାଚ ନିଶ୍ଚୟ ଚଢ଼େଇ ସାରିଥିଲା ; ଯାହା ଏକ ରୋମାଞ୍ଚକର ଶିହରଣରେ ଭରିଦେଇଥିଲା ସେଇ ମୁହୂର୍ତ୍ତକୁ। ପାଠପଢ଼ା ସରିବା ପରେ ଚାକିର ଖୋଜିଛି, ଅଳ୍ପ ଦରମାରେ ଚାକିରିକରି ମାସକରେ ଛାଡିଛି। ପୁଣି ଲୋକସେବା ଆୟୋଗର ପରୀକ୍ଷା ଦେଇ ଚାକିରି କରିଛି। ସବୁଠି ମାସ ଶେଷରେ ଦରମା ପାଇଛି ସତ କିନ୍ତୁ ପାଠପଢ଼ା ସମୟରେ ପାଇଥିବା ପ୍ରଥମ ଦରମା ସହ କେହି ବି ତୁଳନୀୟ ନୁହେଁ। ଏମିତିରେ ବି ପିଲାଦିନେ ଘରକୁ କେହି କୁଣିଆ ଆସୁଥିଲେ ହାତରେ ଗୁଞ୍ଜି ଦେଉଥିଲେ ୧୦/୨୦ ଟଙ୍କା, କିନ୍ତୁ ସେସବୁ କ'ଣ ପ୍ରଥମ ରୋଜଗାର କି ? ନିଜେ ପରିଶ୍ରମ କରି, ଖରାତରାରେ ୨ ମାସ କାଳ ବୁଲି ବୁଲି, ଉତ୍ତର ପ୍ରଦେଶରେ ଗାଁ ଦାଣ୍ଡରେ ଯେଉଁ ଝାଳ ବୁହାଇଥିଲି, ତାହାରି ଫଳସ୍ୱରୂପ ମୋ ହାତକୁ ଆସିଥିଲା ମୋର ପ୍ରଥମ ରୋଜଗାର ହୋଇ। ସେଥିପାଇଁ ତାହା ସ୍ୱତନ୍ତ୍ର ଆଉ ମନତଳେ ସବୁଦିନ ପାଇଁ ସାଇତା ହୋଇ ରହିଲାଭଳି ଅଧ୍ୟାୟଟିଏ, ଯାହାକୁ ମୁଁ ଆଜିଯାଏ ଭୁଲିନି କି ଭୁଲିପାରିବିନି ମରିବାଯାଏ।

# ଅଳପ ହସକୁ ଚୋରା ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ

**ପ୍ରଶ୍ନ**–ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ। ତା' ମନର କଥା ମୁଁ କେମିତି ଜାଣିବି ?

*–ସୁନୀଲ କୁମାର, ରାଉରକେଲା*

**ଉତ୍ତର:**ପ୍ରଥମେ ମନରେ ସାହସ ଏକଜୁଟ୍ କରନ୍ତୁ। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ଯଦି ସମ୍ଭବ ତାହାର କାରଣ ଅନୁଧ୍ୟାନ କରନ୍ତୁ। ଯାହାକୁ ପ୍ରପୋଜ କରିଛନ୍ତି ତାର ମନର କଥା ହୁଏତ ଚାହାଣୀ ମାଧ୍ୟମରେ ଜଣାପଡିପାରେ। କାରଣ, 'ଅଳପ ହସକୁ ଚୋରା ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ'। ଯଦି ସେପଟୁ କିଛି ସିଗନାଲ ପାଉଛନ୍ତି ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

*–ପ୍ରଦୀପ କୁମାର, କଟକ*

**ଉତ୍ତର:** ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ଏହାକୁ ହାଲ୍‌କା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ ?

*–ଦିବାକର, ଭୁବନେଶ୍ୱର*


**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ। ପୁଣି ବର୍ତ୍ତମାନ ଆପଣଙ୍କ ବନ୍ଧୁର ସେ ଧର୍ମପତ୍ନୀ। ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଏହି ପ୍ରେମ ଆଗକୁ ଆଗାଏ, ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମ୍ନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ନ ହେଲେ କଥାଟି 'ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ' ପରି ହେବ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ସୁଜିତ ସାହୁ, ବରଗଡ*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚିଯାଇପାରେ !

ସାଥୀ






# ସ୍କୁଲ ଏମିତି ବି



**ସ୍କୁଲ ଜ୍ଞାନ ଆହରଣ କରିବାର ସ୍ଥାନ। ତା’ ସହ ଅନୁଶାସନ, ସମୟାନୁବର୍ତ୍ତୀ ଭଳି ଶିକ୍ଷା ମଧ ଏଇଠୁ ମିଳେ। ତେବେ ଅନେକ ସମୟରେ ପାଠର ଅତ୍ୟଧିକ ଚାପ, ଶିକ୍ଷକଙ୍କ ପ୍ରତି ଭୟ ଯୋଗୁ ଅନେକ ପିଲା ସ୍କୁଲ ଯିବାକୁ ଇଚ୍ଛା କରନ୍ତି ନାହିଁ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ବି ସ୍କୁଲ ଅଛି ଯେଉଁଠିକୁ ଯିବା ପାଇଁ ପିଲାମାନେ ନିଜେ ଆଗ୍ରହ ପ୍ରକାଶ କରିବେ। ସେମିତି କିଛି ସ୍କୁଲ ସମ୍ପର୍କରେ..**





**ଦ ଗ୍ରେ ସ୍କୁଲ ୱିଜାର୍ଡରୀ:** ଯେଉଁମାନେ ହ୍ୟାରୀ ପୋର୍ଟର ଚଳଚ୍ଚିତ୍ର ଦେଖିଛନ୍ତି ଅବା ହେରିପୋର୍ଟର୍ ବହି ପଢିଛନ୍ତି ସେମାନଙ୍କ ମନରେ ଚଳଚ୍ଚିତ୍ରରେ ଦେଖାଯାଇଥିବା ଯାଦୁ ସ୍କୁଲ ପରି ସ୍କୁଲରେ ପଢିବାକୁ ନିଶ୍ଚିତଭାବେ ଇଚ୍ଛା ଜାଗ୍ରତ ହୋଇଥିବ। ଭାବିଥିବେ ଏଭଳି ସ୍କୁଲ କ’ଣ ସତରେ ଅଛି ? ଜାଣି ଖୁସି ହେବେ ଯେ, ପ୍ରକୃତରେ ଏଭଳି ଏକ ସ୍କୁଲ ଅଛି। ଆଉ ତାହା ଆମେରିକାର ନ୍ୟୁୟର୍କରେ। ୨୦୦୪ ମସିହାରେ ଖୋଲାଯାଇଥିବା ଏହି ସ୍କୁଲରେ ଅନ୍‌ଲାଇନ୍‌ରେ ପଢା ଯାଇଥାଏ। ପୃଥିବୀର ଯେକୌଣସି ସ୍ଥାନରେ ଥିଲେ ବି ଏଠାରେ ଆଡମିଶନ୍ ନେଇପାରିବେ। ଏହି ସ୍କୁଲରେ ଅନେକ ପ୍ରକାରର ଯାଦୁ ଶିଖା ଯାଇଥାଏ।



**ବ୍ରୁକଲିନ୍ ଫ୍ରି ସ୍କୁଲ:** ଏହି ସ୍କୁଲରେ ପଢିବାକୁ ପୃଥିବୀର ସବୁ ପିଲା ଚାହିଁବେ। ଆମେରିକାରେ ଥିବା ଏହି ପ୍ରାଇଭେଟ୍ ସ୍କୁଲ ୨୦୦୪ ମସିହାରେ ସ୍ଥାପିତ ହୋଇଥିଲା। ଏଠି ପିଲାଙ୍କ ଆଟେଣ୍ଡାନ୍ସକୁ ନେଇ କୌଣସି କଟକଣା ନାହିଁ। ଏଠାରେ ପିଲାଙ୍କୁ ହୋମ୍‌ୱାର୍କ ଦିଆଯାଏ ନାହିଁ, କୌଣସି ଗ୍ରେଡ ଦିଆଯାଏ ନାହିଁ କି ପରୀକ୍ଷା ବି କରାଯାଏ ନାହିଁ। କ୍ଲାସ୍ ଆଟେଣ୍ଡ କରିବା ବାଧ୍ୟତାମୂଳକ ବି ନୁହେଁ। ନିଜ ଇଚ୍ଛାରେ ପିଲାମାନେ ଯେକୌଣସି ଆକ୍ଟିଭିଟିରେ ସାମିଲ ହେଇପାରିବେ। ଇଚ୍ଛା ହେଲେ ଯେକୌଣସି କ୍ଲାସ୍ ଛାଡ଼ି ଯାଇପାରିବେ। ସାଧାରଣତଃ ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ପିଲା ଏଠାରେ ପଢିଥାନ୍ତି। ଟ୍ୟୁଶନ୍, ଗ୍ରାଣ୍ଟ ଓ ଡୋନେସନ୍‌ରୁ ଉକ୍ତ ସ୍କୁଲର ଆୟ ହୁଏ।



**ହାଜେଲଉଡ୍ ଏକାଡେମୀ:** ଏଠାରେ ମାତ୍ର ୫୪ ଜଣ ଛାତ୍ରୀଛାତ୍ର ପଢ଼ନ୍ତି। ଯେଉଁ ପିଲାମାନେ ଉଭୟ ଦୃଷ୍ଟିବାଧିତ ଓ ମୂକ ବଧିର ସେମାନେ ଏଠାରେ ପଢିପାରିବେ। ଉକ୍ତ ସ୍କୁଲର କାନ୍ଥଠୁ ଆରମ୍ଭ କରି ଚଟାଣ ପର୍ଯ୍ୟନ୍ତ ସବୁକିଛିକୁ ଖାସ୍‌ଭାବେ ଡିଜାଇନ୍ କରାଯାଇଛି। ଯେମିତିକି ସେଗୁଡିକୁ ଛୁଇଁଲେ ସେମାନେ ଭାଇବ୍ରେଶନ୍ ବା କମ୍ପନ ଅନୁଭବ କରିପାରିବେ। ଏଠାରେ ପିଲାଙ୍କୁ ଦୁନିଆରେ କିଭଳି ଚଳିପାରିବେ ସେ ସମ୍ପର୍କରେ ଶିକ୍ଷା ଦିଆଯାଏ। ଯଦ୍ୱାରା କି ସେମାନେ ସବୁପ୍ରକାରର ପରିବେଶରେ ଆଡ୍‌ଜଷ୍ଟ ହୋଇ ଚଳିପାରିବେ।





**ଗ୍ଲାଡିଏଟର୍ ସ୍କୁଲ:** ରୋମ୍‌ରେ ଅଛି ଏହି ସ୍କୁଲ। ଏଠାରେ ଦୁଇଘଣ୍ଟିଆ ଗ୍ଲାଡିଏଟର୍ ହେବାର ତାଲିମ ଦିଆଯାଏ। ଗ୍ଲାଡିଏଟର୍ ପୋଷାକରେ ଗ୍ଲାଡିଏଟର୍ ହେବାର ତାଲିମ ନେବାବେଳେ ୨୦୦୦ ବର୍ଷ ପଛକୁ ଚାଲିଯିବେ। ଲାଗିବ ସତେଯେମିତି ସେ ସମୟରେ ଅଛନ୍ତି। ଏଠାରେ ପୁରାତନ ରୋମ୍ ଯୋଦ୍ଧାଙ୍କ ସମ୍ପର୍କରେ ଲେକ୍ଚର ବି ଦିଆଯାଏ।



**ଫରେଷ୍ଟ କିଣ୍ଡରଗାର୍ଟେନ:** ଏହି ପ୍ରି ସ୍କୁଲଟି ସତରେ ବହୁତ ଭଲ। ପ୍ରଥମେ ଜର୍ମାନୀରେ ଏହା ଆରମ୍ଭ ହୋଇଥିଲା। ଏବେ ଏହା ବିଭିନ୍ନ ସ୍ଥାନରେ ଖୋଲିଗଲାଣି। ଏମିତିକି ଆମେରିକାରେ ବି ଏହି ସ୍କୁଲ ଅଛି। ପିଲାଙ୍କୁ ଶ୍ରେଣୀଗୃହର ଚାରିକାନ୍ଥରୁ ବାହାର କରି ପ୍ରକୃତି କୋଳରେ ଏଠି ପାଠ ପଢାଯାଏ। ଖରା, ବର୍ଷା ହେଉକି ଶୀତ ସବୁପ୍ରକାର ଋତୁରେ ଏଠି ପିଲାମାନଙ୍କୁ ଜଙ୍ଗଲ ଭିତରେ ପଢିବା, ଖେଳିବାକୁ ଦିଆଯାଏ। ବଡ଼ମାନେ ଏଠି ପିଲାଙ୍କୁ ସହଯୋଗ କରନ୍ତି। ଏହି ସ୍କୁଲ ୱାର୍ଲ୍ଡ କିଣ୍ଡରଗାର୍ଟେନ, ନେଚର କିଣ୍ଡରଗାର୍ଟେନ ନାମରେ ବି ପରିଚିତ।






## ହାଃ ହାଃ

### ୫ ମିନିଟ୍

ଘର ବାହାରେ ଠିଆହୋଇ ସ୍ୱାମୀ ସ୍ତ୍ରୀକୁ– ଆରେ, ଆଉ କେତେ ସମୟ ଲାଗିବ ? ମତେ ଲାଗୁଛି ମୋ ସାଙ୍ଗର ବାହାଘର ସରିଯିବ ପଛେ ତମେ ଆଜି ଆଉ ରେଡି ହୋଇପାରିବନି।

ସ୍ତ୍ରୀ: କାହିଁକି, ଏତେ ପାଟି କରୁଛ ? ଘଣ୍ଟାଏ ହେଲା କହୁଛି ୫ ମିନିଟ୍ ଅପେକ୍ଷା କର। ଏତିକି ବୁଝିପାରୁନ।

### ଦୁଇ ଗୋଡ଼

ପୁଅ ବାପାଙ୍କୁ: ବାପା ମୁଁ ବଡ଼ ହୋଇଗଲିଣି।

ବାପା: ତା'ମାନେ କ'ଣ କହୁଛୁ ? ତୋ'ର ବାହାଘର କରେଇଦେବି।

ପୁଅ: ନା, ବାପା। ମୋ ପାଇଁ ଗୋଟେ ମୋଟର ସାଇକେଲ କିଣି ଦିଅନ୍ତୁ।

ବାପା(ରାଗିକି): ବାଇକ୍ ନା ଆଉ କିଛି। ଭଗବାନ୍ ତତେ ଗୋଡ଼ ଦୁଇଟା କ'ଣ ପାଇଁ ଦେଇଛନ୍ତି ?

ପୁଅ: ଗୋଟିଏ ଗୋଡ଼ରେ ବାଇକ୍‌ର କିକ୍ ମାରିବାକୁ ଓ ଅନ୍ୟଟିରେ ଗିୟର ପକାଇବାକୁ।

### ପ୍ରାଇଜ୍

ରାଧୁଆକୁ ମୋହନ: ଆରେ ୱାଃ, ତୁ କ'ଣ ଦୁଇଟା ପ୍ରାଇଜ୍ ଧରିଛୁ। ଆଜି ତୋର କ'ଣ କେଉଁ ପ୍ରତିଯୋଗିତା ଥିଲା କି ?

ରାଧୁଆ: ହଁ, ଗୀତ ପ୍ରତିଯୋଗିତା।

ମୋହନ: ତୁ କ'ଣ ଏକାସାଙ୍ଗରେ ଫାଷ୍ଟ ଆଉ ସେକେଣ୍ଡ ହେଲୁ ନା କ'ଣ ? ଦୁଇଟା ପ୍ରାଇଜ୍ ଧରିଛୁ ଯେ !

ରାଧୁଆ: ଛୋଟ ପ୍ରାଇଜ୍‌ଟି ଗୀତ ପାଇଁ ସାନ୍ତ୍ୱନାମୂଳକ ଭାବେ ମିଳିଛି। ଆଉ ବଡ଼ଟା ଗୀତ ଗାଇବା ବନ୍ଦ କରିବାକୁ ମିଳିଛି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





# ଅନନ୍ୟ ହିଲ୍‌ଷ୍ଟେଶନ
# ପଞ୍ଚଗନି

**ମହାରାଷ୍ଟ୍ରର ସତାରା ଜିଲା ଅନ୍ତର୍ଗତ ଏକ ଲୋକପ୍ରିୟ ହିଲ୍‌ଷ୍ଟେଶନ ହେଉଛି ପଞ୍ଚଗନି; ଯାହାର ଅପୂର୍ବ ପ୍ରାକୃତିକ ଦୃଶ୍ୟ ଓ ଶାନ୍ତ ପରିବେଶ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ସେଥିପାଇଁ ବର୍ଷକ ବାରମାସ ଏଠାରେ ଆଗନ୍ତୁକଙ୍କର ଭିଡ଼ ଦେଖିବାକୁ ମିଳେ...**





ପଞ୍ଚଗନି ହେଉଛି ମହାରାଷ୍ଟ୍ରର ସତାରା ଜିଲା ଅନ୍ତର୍ଗତ ଏକ ହିଲ୍‌ଷ୍ଟେଶନ। ମରାଠି ଭାଷାରେ ଏହା ପାଚଗନି ନାଁରେ ବି ପରିଚିତ। କାରଣ ଏହି ହିଲ୍‌ଷ୍ଟେଶନକୁ ଚତୁଃପାର୍ଶ୍ୱରୁ ଘେରିରହିଛି ପାଞ୍ଚଟି ଗାଁ ଯଥା: ଦନ୍ଦେଘର, ଗୋଦାଭଲି, ଅମ୍ବ୍ରାଲ୍, ଖିଙ୍ଗାର ଏବଂ ତାଇଘାଟ। ସେଥିପାଇଁ ଏହାର ଏପରି ନାମକରଣ ହୋଇଥିବା ବିଶ୍ୱାସ କରାଯାଏ।

## ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ପ୍ରଥମେ କେତେକ ବ୍ରିଟିଶ୍ ଶାସକ ହିଁ ଏହି ସ୍ଥାନ ସମ୍ପର୍କରେ ଅବଗତ ହୋଇଥିଲେ। ଆଉ ପରେ ୧୮୬୦ରେ ଲର୍ଡ ଜନ୍ ଚେସୋନ୍‌ଙ୍କ ଦ୍ୱାରା ଏହି ସ୍ଥାନଟିକୁ ବ୍ରିଟିଶର୍ସମାନଙ୍କ ଗ୍ରୀଷ୍ମକାଳୀନ ଅବକାଶ ନିମିତ୍ତ ସ୍ଥାନ ଭାବେ ଘୋଷଣା କରାଗଲା। ପରବର୍ତ୍ତୀ ସମୟରେ ଏଠାରେ ଅନ୍ୟ ଜନବସତି ବି ଗଢିଉଠି ଏ ସ୍ଥାନର ଲୋକପ୍ରିୟତା ଧୀରେ ଧୀରେ ବଢିବାକୁ ଲାଗିଲା।

## କ'ଣ ଦେଖିବେ

ସମୁଦ୍ର ପତ୍ତନରୁ ପ୍ରାୟ ୧୨୯୩ ମିଟର ଉଚ୍ଚତାରେ ଥିବା ଏହି ପଞ୍ଚଗନି ହିଲ୍‌ଷ୍ଟେଶନ ତଥା ଏହାର ଆଖପାଖ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ। ଯେମିତିକି:

❊ **ଟେବଲ୍ ଲ୍ୟାଣ୍ଡ:** ଏହା ଏସିଆର ଦ୍ୱିତୀୟ ବୃହତ୍ ଲମ୍ବା ବିଶିଷ୍ଟ ମାଉଣ୍ଟେନ୍ ପ୍ଲାଟ୍ୟୁ। ଏଠାରେ ଛୋଟ ଏକ ହ୍ରଦ ବି ଥିବାର ଦେଖିବାକୁ ମିଳେ।

❊ **ସିଡ୍‌ନି ପଏଣ୍ଟ:** ପଞ୍ଚଗନି ବସ୍‌ଷ୍ଟାଣ୍ଡରୁ ମାତ୍ର ୨ କି.ମି ଦୂରରେ ରହିଛି ଏହି ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀଟି। ସେହିପରି **ପାର୍ସି ପଏଣ୍ଟ** ହେଉଛି ଏଠାକାର ଅନ୍ୟତମ ଦର୍ଶନୀୟ ସ୍ଥାନ।

❊ **ଡେଭିଲ୍ସ କିଚେନ୍:** ଏହା ସ୍ଥାନୀୟ ଟେବଲ ଲ୍ୟାଣ୍ଡର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ। ଆଉ ଏହି ସ୍ଥାନକୁ ନେଇ ଏକ ଲୋକକଥା ଶୁଣିବାକୁ ମିଳେ ଯେ, ଅଜ୍ଞାତବାସ ସମୟରେ ପଞ୍ଚୁପାଣ୍ଡବ କିଛିଦିନ ପାଇଁ ଏଠାରେ କୁଆଡ଼େ ଅବସ୍ଥାନ କରିଥିଲେ।

❊ **ମାପ୍ରୋ ଗାର୍ଡେନ:** ଏହା ପଞ୍ଚଗନିସ୍ଥିତ ଏମିତି ଏକ ଗାର୍ଡେନ୍; ଯେଉଁଠାରେ ଷ୍ଟ୍ରବେରୀ ଚାଷ ଖୁବ୍ ଭଲ ହୋଇଥାଏ ବୋଲି ସୂଚନା ରହିଛି।



## ବିଶେଷ ଆକର୍ଷଣ

ପ୍ରତିବର୍ଷ ଖରାଦିନେ ଏଠାରେ ଷ୍ଟ୍ରବେରୀ ଫେଷ୍ଟିଭାଲ୍ ପାଳନ କରାଯାଇଥାଏ। ସେହିପରି ଶୀତ ସମୟରେ ଏଠାରେ ପଞ୍ଚଗନୀ ଫେଷ୍ଟିଭାଲ୍ ମୁଖ୍ୟ ଆକର୍ଷଣ ସାଜିଥାଏ। ପର୍ଯ୍ୟଟକ ଚାହିଁଲେ ଏହି ସବୁ ସମୟରେ ପଞ୍ଚଗନି ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ। କେବଳ ସେତିକି ନୁହେଁ, ପଞ୍ଚଗନିରେ ଅନେକ ଭଲ ଭଲ ବୋର୍ଡିଂ ସ୍କୁଲ ଥିବାର ମଧ୍ୟ ତଥ୍ୟ ରହିଛି; ଯେଉଁଠାରେ ମୁଖ୍ୟତଃ ମୁମ୍ବାଇ ଓ ପୁନେରୁ ପିଲା ଆସି ଶିକ୍ଷା ଗ୍ରହଣ କରିଥାନ୍ତି।




## କେବେ ଓ କେମିତି ଯିବେ

ପୁଣେଠାରୁ ପ୍ରାୟ ୧୦୮ କି.ମି ଏବଂ ମୁମ୍ବାଇଠାରୁ ପ୍ରାୟ ୨୫୦ କି.ମି ଦୂରରେ ଥିବା ପଞ୍ଚଗନିକୁ ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ରହିଛି। ସେହିପରି ଗମନାଗମନ ପାଇଁ ବି ଏଠାରେ ଯଥେଷ୍ଟ ସୁବିଧା ଉପଲବ୍ଧ ଅଛି। ସତାରା ରେଲୱେ ଷ୍ଟେଶନ, ସାଙ୍ଗଲି ରେଲୱେ ଷ୍ଟେଶନ ହେଉଛି ପଞ୍ଚଗନିର ଦୁଇ ପ୍ରମୁଖ ନିକଟବର୍ତ୍ତୀ ରେଲଷ୍ଟେଶନ। ସେହିପରି ପୁଣେ ଇଣ୍ଟର ନ୍ୟାଶନାଲ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର।




# ଦୁର୍ବଳତା ପାଲଟିଲା ଶକ୍ତି





**ପୃଥିବୀର ସବୁଠାରୁ ମହାନ୍ ବୈଜ୍ଞାନିକଙ୍କ ମଧ୍ୟରେ ଜଣେ ହେଉଛନ୍ତି ଥୋମାସ୍ ଆଲ୍‌ଭା ଏଡ଼ିସନ୍। ସେ ଅନେକ ଆବିଷ୍କାରର ଜନକ ଥିଲେ। ତାଙ୍କ ନାମରେ ୧୦୯୩ଟି ଆବିଷ୍କାରର ପ୍ୟାଟେଣ୍ଟ ରହିଛି। ତେବେ ତାଙ୍କର ସବୁଠାରୁ ବଡ଼ ଆବିଷ୍କାର ଲାଇଟ୍ ବଲ୍‌ବ ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରିଥିଲା। ହେଲେ ଜାଣନ୍ତି କି ସେ ଥିଲେ ବଧିର କିନ୍ତୁ ସେ ନିଜର ଏହି ଦୁର୍ବଳତାକୁ ନିଜର ଶକ୍ତି ସଜାଇ ସଫଳତା ହାସଲ କରିବାରେ ସଫଳ ହୋଇଥିଲେ। ଜାଣନ୍ତୁ ସେ ସମ୍ପର୍କରେ...**

୧୮୪୭ ମସିହାରେ ଆମେରିକା, ଓହିଓର ମିଲନରେ ଜନ୍ମଗ୍ରହଣ କରିଥିଲେ ଥୋମାସ ଆଲ୍‌ଭା ଏଡିସନ୍। ପରେ ତାଙ୍କ ପରିବାର ମିସିଗାନ୍‌ର ପୋର୍ଟ ହୁରୋନ୍ ଚାଲିଯିବାରୁ ସେଠାରେ ତାଙ୍କର ପିଲାଦିନ ବିତିଥିଲା। ବାପା ଥିଲେ ସାମୁଏଲ ଓଗଡେନ ଏଡ଼ିସନ ଓ ମା' ନାନ୍ସି ମାଥ୍ୟୁସ୍ ଇଲିଓଟ। ସାତ ଭାଇଭଉଣୀ ଭିତରେ ସେ ଥିଲେ ସବୁଠୁ ସାନ। ଥୋମାସ୍ ଏଡିସନ୍ ଲେଖିବା, ପଢ଼ିବା, ଗଣିତ କରିବା ସବୁକିଛି ମା'ଙ୍କଠାରୁ ଶିଖିଥିଲେ। କାରଣ ସେ ପୂର୍ବରୁ ଶିକ୍ଷୟିତ୍ରୀ ଥିଲେ। ଥୋମାସ୍ ଏଡିସନ୍ ଅଳ୍ପ କିଛି ମାସ ହିଁ ସ୍କୁଲ ଯାଇଥିଲେ। କିନ୍ତୁ ସେ ନିଜେ ପଢି ଅନେକ କିଛି ଶିଖିଥିଲେ। ପିଲାଦିନୁ ହିଁ ତାଙ୍କର ଟେକ୍ନୋଲୋଜି ଉପରେ ଆଗ୍ରହ ଥିଲା। ଆଉ ଘଣ୍ଟା ଘଣ୍ଟା ଏହା ଉପରେ ଗବେଷଣା କରୁଥିଲେ। ତେବେ ୧୨ ବର୍ଷ ବୟସର ହେବାବେଳକୁ ତାଙ୍କର ଶ୍ରବଣଶକ୍ତି ହ୍ରାସ ହେବାକୁ ଲାଗିଲା। ଏଭଳି ହେବାପଛର କାରଣ ହେଉଛି ଅଧିକ ଦିନ ଧରି ଜ୍ୱର ହେବା। ଏହାଦ୍ୱାରା ତାଙ୍କ ମଧ୍ୟକର୍ଣ୍ଣରେ ସଂକ୍ରମଣ ହୋଇଥିଲା। ଉପଯୁକ୍ତ ଚିକିତ୍ସା ନ ହୋଇପାରିବାରୁ ତାଙ୍କର ଶ୍ରବଣଶକ୍ତି କମିଗଲା। କ୍ରମେ ତାଙ୍କର ଗୋଟିଏ କାନ ସମ୍ପୂର୍ଣ୍ଣ ବଧିର ହେଇଗଲା। ଆଉ କାନଟିକୁ ବହୁତ କମ୍ ଶୁଭୁଥିଲା। କୁହାଯାଏ ଏଡ଼ିସନ ମ୍ୟୁଜିକ୍ ପ୍ଲେୟର ଓ ପିଆନୋର ଶବ୍ଦ ଶୁଣିବାକୁ ତା' କାଠକୁ ଦାନ୍ତରେ କାମୁଡି ଧରୁଥିଲେ। ଯଦ୍ଦ୍ୱାରା କି ସେ ଶବ୍ଦର ଧ୍ୱନି ତରଙ୍ଗକୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚାଇ ସେହି ଧ୍ୱନିକୁ କିଛିଟା ଶୁଣିପାରିବେ। ବୟସ ବଢ଼ିବା ସହ ଥୋମାସ ଏଡିସନ୍ ନିଜର ଏହି ଦୁର୍ବଳତାକୁ ନିଜର ଶକ୍ତି ମନେକଲେ। ତାଙ୍କ ମତ ଥିଲା ଯେ, ସେ ବାହାର ଶବ୍ଦ ଶୁଣି ନ ପାରିବାରୁ ସେ କାମରୁ ଡିସ୍‌ଟ୍ରାକ୍ଟ ହେଉ ନ ଥିଲେ ଓ ମନଧ୍ୟାନ ଦେଇ କାମ କରିପାରୁଥିଲେ। ଛୋଟବେଳେ ସେ ଟ୍ରେନ୍‌ରେ ଖବରକାଗଜ, କ୍ୟାଣ୍ଡି, ପନିପରିବା ବିକ୍ରିକରି ରୋଜଗାର କରୁଥିଲେ। ମାତ୍ର ୧୩ ବର୍ଷ ବୟସରେ ସେ ସପ୍ତାହକୁ ୫୦ ଡଲାର ଲାଭ କରୁଥିଲେ। ସେ ଯାହା ରୋଜଗାର କରୁଥିଲେ ସେଥିରେ ସେ ଇଲେକ୍ଟ୍ରିକାଲ ଓ କେମିକାଲ ଏକ୍ସପେରିମେଣ୍ଟ ପାଇଁ ଆବଶ୍ୟକୀୟ ଉପକରଣ କିଣୁଥିଲେ। ୧୫ ବର୍ଷ ବୟସରେ ସେ ୩ ବର୍ଷର ଜିମି ମାକେନ୍‌ଜି ନାମକ ବାଳକକୁ ଟ୍ରେନ୍ ଧକ୍କାହେବାରୁ ବଞ୍ଚାଇଥିଲେ। ଫଳରେ ତାଙ୍କ ବାପା ଏତେ ଖୁସି ହୋଇଯାଇଥିଲେ ଯେ, ଥୋମାସ୍‌ଙ୍କୁ ଟେଲିଗ୍ରାଫ ଅପରେଟର୍‌ର ତାଲିମ ଦେଇଥିଲେ। ଥୋମାସଙ୍କ ପ୍ରଥମ ଟେଲିଗ୍ରାଫି ଚାକିରି ଗ୍ରାଣ୍ଡ ଟ୍ରଙ୍କ ରେଲୱେରେ କରିଥିଲେ। ପରବର୍ତ୍ତୀ ସମୟରେ ସେ ପେପର ବିକ୍ରି କରିବା ସହ ଗ୍ରାଣ୍ଡ ଟ୍ରଙ୍କ ହେରାଲ୍ଡ ପେପର୍ ଛପାଇ ତାକୁ ବିକ୍ରି କଲେ। ଏମିତିରେ ସେ ବ୍ୟବସାୟୀ ବି ପାଲଟିଥିଲେ। ୧୯ ବର୍ଷ ବୟସରେ ସେ କେଣ୍ଟୁକିର ଲୁଇସ୍‌ଭିଲେ ଚାଲିଯାଇଥିଲେ। ସେଠି ସେ ୱେଷ୍ଟର୍ନ ୟୁନିୟନର କର୍ମଚାରୀ ଭାବେ ଆସୋସିଏଟେଡ୍ ପ୍ରେସ୍ ବ୍ୟୁରୋ ନ୍ୟୁଜ୍ ୱାୟରରେ କାମ କଲେ। ଅନୁରୋଧ କରି ନାଇଟ୍ ସିଫ୍ଟରେ କାମକଲେ। ଯାହାଦ୍ୱାରା କି ସେ ପଢ଼ିବା ଓ ଗବେଷଣା ପାଇଁ ସମୟ ପାଇଲେ। ଥରେ ଲିଡ୍ ଏସିଡ୍ ବ୍ୟାଟେରି ଉପରେ ଗବେଷଣା କଲାବେଳେ ସଲ୍‌ଫ୍ୟୁରିକ୍ ଏସିଡ୍ ତଳେ ପଡ଼ି ଯାଇଥିଲା। ଆଉ ତାହା ବୋହି ବୋହି ବସ୍‌ଙ୍କ ଚାମ୍ବରକୁ ଚାଲିଗଲା। ଫଳରେ ସେଠାରୁ ତାଙ୍କୁ ବାହାର କରିଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେ ନିଜର ପ୍ରଥମ ଉଦ୍ଭାବନ ଇଲେକ୍ଟ୍ରିକ୍ ଭୋଟ୍ ରେକର୍ଡରର ପ୍ୟାଟେଣ୍ଟ କରାଇଲେ। ଏହାପରେ ଲାଇଟ୍ ବଲ୍‌ବ, ଫୋନୋଗ୍ରାଫ, ମୋସନ ପିକ୍ଚର କ୍ୟାମେରା ଭଳି ଅନେକ ଉଦ୍ଭାବନ କଲେ। ତାଙ୍କ ନାମରେ ୧୦୯୩ଟି ଆମେରିକୀୟ ପ୍ୟାଟେଣ୍ଟ ରହିଛି।



# ଚାରିଚକିଆ ବାଇକ୍

ଭାରତୀୟମାନେ ଯୁଗାଡ଼ କରିବାରେ ବେଶ୍ ପାରଙ୍ଗମ। ଯୁଗାଡ଼ ଲଗାଇ ଏଠି କିଏ ଘରେ ବସି ହେଲିକପ୍ଟର ତିଆରି କଲାଣି ତ କିଏ ଫ୍ୟାନ୍‌କୁ କୁଲର୍ କରିଦେଉଛି। ଏଇ ନିକଟରେ ଆଉ ଏକ ଯୁଗାଡ଼ର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। କାରଣ ଏଥିରେ ଜଣେ ଯୁବକ ବାଇକ୍‌ର ଦୁଇ ଚକ ବାହାରକରି ସେହି ସ୍ଥାନରେ ଚାରୋଟି ବଡ଼ ବଡ଼ ଠେଲାର ଚକ ଲଗାଇ ଦେଇଛନ୍ତି। ବାଇକ୍ ଉପରେ ଲୁଜର୍ସ ଆର୍ମି ବୋଲି ମଧ୍ୟ ଲେଖାଅଛି। ତେବେ ବ୍ୟକ୍ତି ଜଣକ ବାଇକ୍‌କୁ ଏଭଳି ରୂପ କାହିଁକି ଦେଇଛନ୍ତି ତାହା ଜଣାପଡ଼ିନାହିଁ। ହେଲେ ଲୋକେ ଏହି ବାଇକ୍ ଉପରେ ଅନେକ ମଜାଦାର ମନ୍ତବ୍ୟ ଦେଇଛନ୍ତି। ଯେମିତି ଜଣେ ଲେଖିଛନ୍ତି ଏହି ଗାଡ଼ି ଚଳାଇଲେ ତ ହେଲମେଟ ସହ ସିଟ୍‌ବେଲ୍ଟ ବି ଲଗାଇବାକୁ ପଡ଼ିବ। ଆଉ ଜଣେ କହିଛନ୍ତି- ଏହି ଭାଇଙ୍କୁ ଏବେ ଟୋଲ୍ ଫି' ଦେବାକୁ ପଡ଼ିବ। ପୁଣି ଜଣେ ଲେଖିଛନ୍ତି ଏହି ଗାଡ଼ି ହାଣ୍ଡିକ୍ୟାପ ହେଇଗଲା।





# ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ସ୍ୱାହା



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ଯଦି କେବେ ଆପଣ କୌଣସି ବାହାଘର ବରଯାତ୍ରୀରେ ଯାଇଥିବେ ତେବେ ଗୋଟିଏ ଦୃଶ୍ୟ ନିଶ୍ଚେ ଦେଖିଥିବେ । ବାଜାର ତାଳେ ତାଳେ କିଛି ଲୋକ ନାଚୁଥିବା ବେଳେ ଆଉ କିଛି ଲୋକ ଘେରିକି ଛିଡ଼ା ହେଇଥିବେ । ତାଙ୍କ ଭିତରୁ ଜଣେ ଦି'ଜଣ ନିଶ୍ଚେ ଥିବେ, ଯେଉଁମାନେ ଗୋଡ଼ କି ହାତରେ ସଙ୍ଗୀତ ନିର୍ଦ୍ଦେଶକଙ୍କ ଭଳି ତାଳ ଦେଉଥିବ । ସେମାନେ ନାଚୁ ନ ଥିବେ କିନ୍ତୁ ମନରେ ପ୍ରବଳ ଇଚ୍ଛା ଥିବ କିଏ ଆସି ତାଙ୍କୁ ଝିଙ୍କି ନେଉ । ସେ ମନା କରୁଥିବେ କିନ୍ତୁ ସମସ୍ତେ ତାଙ୍କୁ ନାଚିବା ପାଇଁ ମନାଉଥିବେ ଓ ଶେଷରେ ସେ ମଝିକୁ ଆସି ଏମିତି ନାଚିବେ ଯେ ଦେଖିଲା ଲୋକର ଆଖି ତାଜୁବ ହୋଇଯିବ। ସେମିତି ପ୍ରତି ଗାଁରେ ଜଣେ ଦୁଇଜଣ ଏପରି ନୃତ୍ୟବିଶାରଦ ଥିବେ, ଯେଉଁମାନଙ୍କୁ ଚିହ୍ନା ଅଚିହ୍ନା ନିର୍ବିଶେଷରେ ବାହାଘର ବରଯାତ୍ରୀ ପାଇଁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥାଏ । ଓଡ଼ିଆ, ହିନ୍ଦୀ, ତେଲୁଗୁ, ଇଂଲିଶ ଗୀତ ଏପରିକି ଖାଲି ତାଳିର ତାଳେ ତାଳେ ମଧ୍ୟ ଏମାନେ ନାଗିନ ନାଚ ନାଚିପାରନ୍ତି । ଡିଜେରେ କେଉଁ ଗୀତ ପରେ କେଉଁ ଗୀତ ବାଜିବ ତାହା ତାଙ୍କ କଣ୍ଟ୍ରୋଲରେ ଥାଏ । ଏମାନେ ବରର ସମ୍ପର୍କୀୟ କିମ୍ବା ସାଙ୍ଗ ନ ହେଲେ ବି କୌଣସି ନା କୌଣସି ସମ୍ପର୍କ ଯୋଡ଼ି ପହଞ୍ଚି ଯାଆନ୍ତି ଓ ଆସ୍ତେ ଆସ୍ତେ ପୂରା ଶୋଭାଯାତ୍ରାକୁ ନିଜ ନିୟନ୍ତ୍ରଣକୁ ନେଇଯାଆନ୍ତି ।

ନାଚ ବାଜା ଭଳି ଖୁସିବାସି ପ୍ରତି ନିସ୍ପୃହଭାବ ଦେଖାଉଥିବା କିଛି ବୟସ୍କ ବରଯାତ୍ରୀ ଥାଆନ୍ତି, ଯେଉଁମାନଙ୍କୁ ଆୟୋଜକ ବରଯାତ୍ରୀ ପଛରେ ଆସୁଥିବା ଗାଡ଼ିରେ ବସେଇ ଦିଅନ୍ତି । ଗାଡି ଭିତରେ ଦେଶ ବିଦେଶଠାରୁ ନେଇ ନିଜ ଘର ଓ ପିଲାମାନଙ୍କ ବିଷୟରେ ଯାବତୀୟ ଆଲୋଚନା ଏମାନଙ୍କ ଗାଡି ଭିତରେ ଚାଲେ । ପିଲାବେଳେ ଥରେ ମୁଁ ଏହିଭଳି ଏକ ବରଯାତ୍ରୀ ଗାଡ଼ିରେ ଭୁଲରେ ବସିଯାଇଥିଲି। ସମବୟସ୍କ ଅନ୍ୟ ଭାଇମାନଙ୍କ ସହ ମିଶି ମଜା ମସ୍ତିର ସ୍ୱପ୍ନ ଦେଖିଥିବା ବେଳେ ଗୁରୁଜନମାନଙ୍କ ପାଖରେ ବସି ସମୁଦାୟ ରାସ୍ତାର ଦୁଃଖଦ ସମୟ ମୁଁ କେମିତି କାଟିଛି ତାହା କେବଳ ମୁଁ ହିଁ ଜାଣେ । କନ୍ୟାଘର ପାଖରେ ପହଞ୍ଚିଲା ବେଳକୁ ମୋର ଇଂଲିଶ ଟ୍ରାନ୍ସଲେଶନ, ସତରକ, ଉଣେଇଶକ ଓ ତେଇଶକ ପଣିକିଆ ସହ ପାଣିକୁଣ୍ଡ ଗଣିତର ମୌଖିକ ପରୀକ୍ଷା ହେଇସାରିଥାଏ । ଗାଡିରୁ ଓହ୍ଲେଇବା ପୂର୍ବରୁ ଫଳାଫଳ ଘୋଷଣା ସରିଥିଲା ଯେ ମୁଁ ପାଠରେ ବହୁତ ଦୁର୍ବଳ । ଏହି କରୁଣ ଘଟଣାର ପ୍ରାସଙ୍ଗିକତା ଏଠି ନ ଥିଲେ ବି ଏଇଥିପାଇଁ କହିଲି ଯଦି ପାଠକେ କେବେ କୌଣସି ବରଯାତ୍ରୀ ଗାଡ଼ିରେ ପିଉସା, ମଉସା, ମାମୁ କି ବଡ଼ଦାଦାଙ୍କ ଭଳି ପାଠରେ ଅତ୍ୟନ୍ତ ସବଳ ଗୁରୁଜନଙ୍କ ପାଖରେ କୌଣସି ପିଲା ବସିଥିବାର ଦେଖିବେ ତେବେ ମୋ କଥା ମନେପକେଇ ପିଲାଟିକୁ ଆଗୁଆ ସତର୍କ କରିଦେବେ । ନଚେତ ମୋ ପିଲାଦିନ ଘଟଣା ଭଳି ସେ ପିଲାଟିର ବାହାଘରରେ ମଜା କରିବାର ସବୁ ସ୍ୱପ୍ନ ଧୂଳିସାତ୍ ହୋଇଯିବ ।


ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏବେ ବିବାହ ବାର୍ଷିକୀର ଫଟୋ ସମ୍ବଳିତ ସ୍ତୁତିଗାନ ଦେଖିଲେ ଲାଗୁଛି ଯେମିତି ବାହାଘର ସେମାନଙ୍କ ଜୀବନର ଏକମାତ୍ର ଉପଲବ୍ଧି । ଆଉ କିଛି କରନ୍ତୁ କି ନ କରନ୍ତୁ ହେଲେ ଏହି ଜୀବକାଳ ଭିତରେ ସେମାନେ ବାହା ହୋଇଛନ୍ତି ସେତିକି ତାଙ୍କର ଆଶ୍ୱାସନା । ହେବନି ବା କାହିଁକି ଦେଶରେ ଲିଙ୍ଗ ଅସମାନତା ଅବସ୍ଥା ଯାହାହେଲାଣି ବାହା ପାଇଁ ପୁଅ କି ଝିଅ ମିଳିବା କୌଣସି ଗଡ଼ ଜିଣିବାଠାରୁ କିଛି କମ୍ ନୁହେଁ । ଦୁନିଆରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଶତଚେଷ୍ଟା ସତ୍ତ୍ୱେ ବାହାହୋଇପାରିନାହାନ୍ତି । ତେଣୁ ବାହାଘରକୁ ଐତିହାସିକ ଓ ଚର୍ଚ୍ଚିତ କରିବା ପାଇଁ ଯେତେପ୍ରକାରର ଅଭିନବ ଉପାୟ କରାଯାଇପାରେ କରୁଛନ୍ତି । କିଏ ଆକାଶ ଛତାରୁ ସିଧା ବାହାବେଦିରେ ଓହ୍ଲେଇଲାଣି ତ କେଉଁଠି ସମୁଦ୍ରର ଶହେଫୁଟ ତଳେ ବରକନ୍ୟା ମୁହଁରେ ଅକ୍ସିଜେନ ମାସ୍କ ଲଗେଇ ବାହା ହେଲେଣି । ଯେନତେନ ଉପାୟରେ ବାହାଘରକୁ ହାଇଲାଇଟ କରିବାର ଅଛି ।

କିଛି ମହାପୁରୁଷଙ୍କ ଜୀବନୀରୁ ଜାଣିଲି ସେମାନେ ବାହାହେବା ପାଇଁ ଆଦୌ ଇଚ୍ଛୁକ ନ ଥିଲେ ତାଙ୍କୁ ଜୋରଜବରଦସ୍ତ ବାହା କରେଇ ଦେଇଥିଲେ । ବାହାହୋଇ ଦେଶର କ'ଣ ମଙ୍ଗଳ କଲେ ନ କଲେ ତାହା ଭିନ୍ନ କଥା କିନ୍ତୁ ସେମାନଙ୍କ ବର୍ଣ୍ଣନାରୁ ଜଣାପଡିବ ଯେମିତି କେବଳ ଦେଶକୁ ଦୁର୍ଦ୍ଦିନରୁ ବଞ୍ଚେଇବା ଓ ବଂଶରକ୍ଷା ପାଇଁ ବାଧ୍ୟବାଧକତାରେ ବାହା ହେଇଥିଲେ । ବାହା ନ ହେଇଥିଲେ ଯେମିତି ଦେଶ ଓ ଜାତିର ପ୍ରଭୂତ କ୍ଷତି ହୋଇଥାନ୍ତା ।

ଆଜିକାଲି ଅନୁଷ୍ଠିତ ହେଉଥିବା ବାହାଘରରେ ସବୁଠୁ ବେଶି ଦୟନୀୟ ଅବସ୍ଥା ବିଚରା ନନା ବା ପୂଜକଙ୍କର । ପେଟପାଟଣା ଦାୟରେ ସେ ଅବା କରିବେ କ'ଣ । ଯଜମାନ ଚାହୁଁଛନ୍ତି କିଏ ହେଲିକପ୍ଟରରେ ଓହଳି ବାହା ହେବ ତ କିଏ ଗଭୀର ପାଣି ତଳେ । ନନା ବି ଯୁଗକୁ ଚାହିଁ ତାଙ୍କ ପୂଜାକର୍ମକୁ କାଣ୍ଟ ଛାଂଟ କରିଦେଲେଣି । ଘଣ୍ଟା ଘଣ୍ଟା ଧରି ଚାଲୁଥିବା ପୁରୁଣା ବିବାହ କର୍ମକାଣ୍ଡ ଆଉ କେଉଁ ଅଛି ! 'ମାର୍ ତାଳି ଉଠା ଥାଳି' ଯୁଗରେ କ୍ରମାନ୍ୱୟରେ ସବୁଯାକ ମନ୍ତ୍ର ପଢ଼ି ହୋମାଦିକର୍ମ କରିବାକୁ ନା ନନାଙ୍କ ଧୈର୍ଯ୍ୟ ଅଛି ନା ବର କନ୍ୟାଙ୍କର । ଗୋଟିଏ ଦିନରେ ଦୁଇ ତିନିଟା ବାହା କାମ ନ କଲେ ନନାଙ୍କୁ ବାର୍ଷିକ ଟର୍ନଓଭର ଟାର୍ଗେଟ କମିଯିବାର ଚିନ୍ତା । ଏମିତିରେ ନିଷ୍ଠାର ସହ କର୍ମକାଣ୍ଡ ଅନୁଯାୟୀ ବାହା ହୋଇଥିବା ଦମ୍ପତିଙ୍କ ଦାମ୍ପତ୍ୟ ଯେ ସୁଖମୟ ହେବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ । କୋର୍ଟରେ ବିବାହ କରିଥିବା ଅନେକ ପତି ପତ୍ନୀ ଜୀବନଯାକ ସୁଖରେ ସାଙ୍ଗହୋଇ ରହିଥିବା ବେଳେ ତିଥି ନକ୍ଷତ୍ର ଦେଖି ବିଧିବଦ୍ଧ ନିୟମ ମାନି ବେଦିରେ ବାହା ହୋଇଥିବା ଦମ୍ପତିଙ୍କର ମାସେ ଭିତରେ ବାଡ଼ିଆପିଟା ଛାଡ଼ପତ୍ର ଯାଏଁ କଥା ଯିବାର ନଜିର ଅନେକ ଅଛି ।

ଦେଖାଶିଖା ଦୁନିଆର ଗୋଳିଆଘଣ୍ଟା ସଂସ୍କୃତି ଏବେ ଲେକଙ୍କ ଭିତରେ ବେଶ୍ ଲୋକପ୍ରିୟ । ମୁଖ୍ୟ ପେଣ୍ଡାଲର ଗୋଟେ ଅଲୋଡ଼ା କୋଣରେ ନାମକୁ ମାତ୍ର ବେଦିଟିଏ ତିଆରି କରି ବିବାହର ଯାବତୀୟ କାର୍ଯ୍ୟ ଏବେ ସୁସଜ୍ଜିତ ପେଣ୍ଡାଲରେ ହେଉଛି । ଦର୍ଶକଙ୍କ ସମ୍ମୁଖରେ ପେଣ୍ଡାଲରେ ନାଟକ ପ୍ରଦର୍ଶିତ ହେଲା ଭଳି ରିଂ ସେରିମନିଠାରୁ ହଳଦୀ ରସମ, ସଙ୍ଗୀତ , ମେହେନ୍ଦୀ ବରଣମାଳାଠାରୁ ଆଶୀର୍ବାଦ କାର୍ଯ୍ୟକ୍ରମ ଇତ୍ୟାଦି ପେଣ୍ଡାଲରେ ହେଉଛି । ଥରେ ଏହିପରି ଏକ ବିବାହ ଉତ୍ସବରେ ମୋ ବାହାଘରର ବିବାହ କର୍ମ କରିଥିବା ପୂଜକଙ୍କୁ ଦେଖିଲି। ପେଣ୍ଡାଲରେ ବରଣମାଳା ଦିଆନିଆ ପରେ ବରକନ୍ୟା ପରସ୍ପରକୁ ଆଲିଙ୍ଗନ କରି ଚୁମ୍ବନ ଦେଉଥିବା ବେଳେ ପୂଜକ ପାର୍ଶ୍ୱରେ ଠିଆହୋଇ ମନ୍ତ୍ର ପଢୁଥାନ୍ତି। କୌତୂହଳରେ ପୂଜକଙ୍କ ପାଖକୁ ଯାଇ ପଚାରିଲି ନନା, ବେଦିରେ ହୋମ ଓ ହାତଗଣ୍ଠି ପଡ଼ିବା ବେଳେ ମନ୍ତ୍ର ପଢିବା ଜାଣିଥିଲି ହେଲେ ଏ ଆଲିଙ୍ଗନ ଓ ଚୁମ୍ବନ ସମୟରେ ଆପଣ କେଉଁ ମନ୍ତ୍ର ପଢ଼ିଲେ ? ନନା ମୋତେ ଡାକି କହିଲେ– 'ମୋ ବାପଅଜା ଯେଉଁ କର୍ମ ପାଇଁ ଯେଉଁ ମନ୍ତ୍ରସବୁ ଘୋଷେଇଥିଲେ ସେ କର୍ମ ଆଉ ମୁଁ ଦେଖୁନି । ସମସ୍ତଙ୍କ ଦୃଷ୍ଟି ତ ବର କନ୍ୟାଙ୍କ ଉପରେ ନନା କ'ଣ ମନ୍ତ୍ର ପଢୁଛନ୍ତି ସେଥିପ୍ରତି କାହାର ନିଘା ନ ଥାଏ । ତୁମକୁ ମିଛ ମୋତେ ସତ ଆଜି ବରଣମାଳା ବେଳେ ମୁଁ ବାହନ ପୂଜା ମନ୍ତ୍ର ପଢ଼ିଦେଇ କାମ ଚଳେଇଦେଲି ।' ତାଙ୍କ କଥା ଶୁଣି ମୋ ଅକଲ ଗୁଡୁମ୍ । ମୁଁ କହିଲି ନନା ଆପଣଙ୍କୁ ଆପଣଙ୍କ ପଇତା ରାଣ, ସତ କହିଲେ ମୋ ବାହାଘରରେ କେଉଁ ମନ୍ତ୍ର ପଢିଥିଲେ ? ନନା କହିଲେ କ'ଣ କିଛି ଅସୁବିଧା ହେଲା କି ? ମୁଁ କହିଲି ଛା ନନା ଆପଣ କେଉଁ ମୋ ଦକ୍ଷିଣା ଫେରେଇଦେବେ ଯେ ଆପଣଙ୍କୁ ମୋ ଦାମ୍ପତ୍ୟ ଜୀବନର ଯାବତୀୟ ଶାନ୍ତି ଅଶାନ୍ତିର ବିସ୍ତୃତ ବ୍ୟାଖ୍ୟା ଶୁଣେଇବି । ଆଛା ନନା ଗୋଟେ କଥା କହିଲେ ଯଦି ପେଣ୍ଡାଲରେ ଠିଆ ଠିଆ ବରଣମାଳା ଆଲିଙ୍ଗନ ଓ ଚୁମ୍ବନରେ ଏହା ଶେଷ ହେଉଛି ତେବେ ତୁଚ୍ଛାଟାରେ ମୋତେ ହୋମ ନିଆଁ ସାମ୍ନାରେ ବସେଇ କେଉଁ ରାଗ ଶୁଝାଉଥିଲେ ? ଯଥା ରାବଣସ୍ୟ ମନ୍ଦୋଦରୀ, ଯଥା ରାମସ୍ୟ ସୀତା, ଯଥା ନଳସ୍ୟ ଦମୟନ୍ତୀ, ଯଥା ଧୃତରାଷ୍ଟ୍ରସ୍ୟ ଗାନ୍ଧାରୀ, ଯଥା ସୁଗ୍ରୀବସ୍ୟ ତାରା ମନ୍ତ୍ର ପଢି ଆପଣ କଣ ଲାଭ ପାଇଲେ କେଜାଣି । ଆମ୍ଭ ପତ୍ନୀ ଏକାଧାରରେ ମନ୍ଦୋଦରୀ, ସୀତା, ଦମୟନ୍ତୀ, ଗାନ୍ଧାରୀ, ତାରା ହେଇ ଦିନକୁ ଦିନ ଆଗକୁ ବଢୁଥିବା ବେଳେ ତାଙ୍କ ପାଇଁ ମୋ ବ୍ୟକ୍ତିତ୍ୱ କେବଳ ରାବଣ ପାଖରେ ଅଟକିଛି । ଦାମ୍ପତ୍ୟର ବୃହତ୍ତମ ଶାନ୍ତି ପାଇଁ ଶତଚେଷ୍ଟା ସତ୍ତ୍ୱେ ଏ ଯାଏଁ ଆମ ସୀତାଙ୍କ ଦୃଷ୍ଟିରେ ତାଙ୍କ ମନଲାଖି ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ହୋଇପାରିଲି ନାହିଁ । ଯାହାକୁହ, ନନା ଆପଣ ମୋ ବାହାଘରରେ ଠିକ ମନ୍ତ୍ର ପଢ଼ି ନ ଥିଲେ । ମୋ କଥା ଶୁଣି ନନା ମୁରୁକି ହସି କହିଲେ, ଜାଣିଲ ଯଜମାନ କଳିଯୁଗର ଶେଷ ସମୟ ଆସିଲାଣି ଜାଣ । ବେଦିରେ ବସି ବାହାଘର ସେ କାଳ ପଖାଳ ହେଲାଣି । ଏବେ ଲିଭ୍ ଇନ୍ ରିଲେଶନର ଯୁଗ । ଉପୁଡିଆ ବରକନ୍ୟାଙ୍କ ମଧୁର ଦାମ୍ପତ୍ୟ ପାଇଁ କିଛି ମନ୍ତ୍ର କାମ୍ଟୁ କରିବନି ଏମାନଙ୍କ ପାଇଁ ଖାଲି ଗ୍ରହ ଶାନ୍ତି ମନ୍ତ୍ର ଦରକାର ।

–ବନମାଳୀ ଭବନ, ଖାନ ନଗର , କଟକ ମୋ:୯୪୩୭୦୧୦୭୫୮



# ପୁସ୍ତକ ସମୀକ୍ଷା

## ମୁଁ ବି କର୍ଣ୍ଣ

**ଭାନୁମତୀ ସାହୁ**

**ବ୍ଲାକ୍ ଇଗଲ ବୁକ୍ସ, ଡବ୍ଲିନ୍ , ୟୁଏସ୍ଏ, ମୂଲ୍ୟ– ୨୦୦ଟଙ୍କା**

ମୁଁ ବି କର୍ଣ୍ଣ ଭାନୁମତୀ ସାହୁଙ୍କ ଉପନ୍ୟାସ। ଏହା ପାରିବାରିକ କାହାଣୀକୁ ନେଇ ରଚିତ। କେମିତି ପାଣିରେ ଭାସୁଥିବା ଜଣେ ଶିଶୁ ପୁତ୍ରକୁ ଆଣି ବିଭୂତି ଓ ଚିତ୍ରା ତୋଳି ନେଉଛନ୍ତି ତାହା ଉପନ୍ୟାସରେ ବର୍ଣ୍ଣନା କରାଯାଇଛି । ପୁଅର ଏକୋଇଶାରେ ପୁରୋହିତ ତାର ନାଁ ଦିଅନ୍ତି ଆଲୋକ। ପୁତ୍ର ଅମର ଜନ୍ମ ହେବା ପରେ ବଦଳି ଯାଉଛି ଚିତ୍ରାର ମନ। ସେ କହୁଛି କେଉଁ ପାପୀର ପିଲା




କେଜାଣି, କିଏ ନିଜ ପିଲାକୁ ଭସାଇ ଦେଇଥିଲା କେଉଁ ଭୟରେ । ସ୍ୱାମୀକୁ କହୁଛି ତମେ ତାକୁ ନେଇ ଛାଡି ଆସ କେଉଁ ଅନାଥାଶ୍ରମରେ। କାହିଁକି କେଉ ଅନାଥ ପିଲାକୁ ଏ ଘର ଭିତରେ ରଖି ମୋ ସନ୍ତାନର ସ୍ନେହ ସହ ସମଭାଗୀ କରେଇବା। କିନ୍ତୁ ସ୍ୱାମୀ କହିଲେ ନା ତାକୁ ରଖିବା। ଆଶ୍ଚର୍ଯ୍ୟର କଥା ସେଦିନ ବିଭୂତିଙ୍କ କଥାରେ ସମ୍ମତି ଦେଲା ଚିତ୍ରା। ଈଶ୍ୱର ଆମ ପାଖରେ ଜଣେ ଦେବୋପମ ଶିଶୁକୁ ସମର୍ପି ଦେଇଛନ୍ତି । ଆମେ ଆଲୋକକୁ ମଣିଷ କରିବା । ଏମିତି ଉପନ୍ୟାସର କାହାଣୀ ବର୍ଣ୍ଣିତ। ଯାହା ପାଠକଙ୍କୁ ବାନ୍ଧି ରଖିବ ।


## ଶାଳଭଞ୍ଜିକା

**ପ୍ରଣବଜ୍ୟୋତି ନାଥ , ଅନୁବାଦ: ମମତାରାଣୀ ନାୟକ**

**ପ୍ରକାଶକ–ବନଫୁଲ, ଭିଏସ୍ଏସ୍ ନଗର**

**ଭୁବନେଶ୍ୱର, ମୂଲ୍ୟ–୧୭୫ଟଙ୍କା**

ଅସମୀୟା କବି ପ୍ରଣବଜ୍ୟୋତି ନାଥଙ୍କ ପୁସ୍ତକ ଶାଳଭଞ୍ଜିକାକୁ ଓଡ଼ିଆରେ ଅନୁବାଦ କରିଛନ୍ତି କବୟିତ୍ରୀ ମମତାରାଣୀ ନାୟକ। ଏଥିରେ ୭୪ଟି କବିତା ସ୍ଥାନୀତ ହୋଇଛି । ଭଗବାନ ବୁଦ୍ଧଙ୍କ ମାତା




ମାୟାଦେବୀ ଏକ ଉଦ୍ୟାନର ଶାଳଗଛ ତଳେ ଆଉଜି ଠିଆ ହୋଇଥିବା ସମୟରେ ତାଙ୍କ ଶରୀରର ଦକ୍ଷିଣ ପାର୍ଶ୍ୱ ଦେଇ ତାଙ୍କୁ ଜନ୍ମ ଦେଇଥିଲେ। ଅର୍ଥାତ୍ ଗୌତମ ବୁଦ୍ଧ ଥିଲେ ଅଯୋନୀ ସମ୍ଭୂତ। ଏହି ମିଥ୍‌କୁ କବି ଆଧୁନିକ କାବ୍ୟରୂପ ଦେଇଛନ୍ତି ଶାଳଭଞ୍ଜିକା ମାଧ୍ୟମରେ। କେତୋଟି ସ୍ଥାନରେ ଅସମିୟା ଶବ୍ଦର ଓଡିଆ ରୂପାନ୍ତର କବୟିତ୍ରୀ ତଳେ ଦେଇଛନ୍ତି। ତାହା ଜଣେ ପାଠକଙ୍କୁ ଅସମୀୟା ଭାଷାର କେତେକ ଶବ୍ଦ ଜାଣିବାରେ ସହାୟକ ହେବ। ପୁସ୍ତକର ଯେ କୌଣସି କବିତା ପଢନ୍ତୁ ତାହା ନିଶ୍ଚୟ ଜଣେ ପାଠକଙ୍କୁ ମୋହାଚ୍ଛନ୍ନ କରିବ ଏଥିରେ ସନ୍ଦେହ ନାହିଁ।

## ଖଟା ମିଠା ଗଳ୍ପ

**ପ୍ର. ଡଃ ଶିବଚରଣ ନାୟକ , ପ୍ରକାଶକ– ପକ୍ଷୀଘର ପ୍ରକାଶନୀ**

**ମଧୁସୂଦନ ନଗର, ଭୁବନେଶ୍ୱର– ୧ , ମୂଲ୍ୟ– ୧୫୦ ଟଙ୍କା**

ଖଟା ମିଠା ଗଳ୍ପ ପୁସ୍ତକରେ ୫ଟି ଅଧ୍ୟାୟ ରହିଛି। ପ୍ରଥମ ଅଧ୍ୟାୟ ପ୍ରଥମ ବିଷୟ ରହିଛି ସୁବର୍ଣ୍ଣ ସହର ସାନ୍ ଫ୍ରାନ୍ସିସ୍କୋ। ଏଥିରେ ଲେଖକ କହିଛନ୍ତି ସହରଟି ମତେ ଭଲଲାଗେ। କିନ୍ତୁ ସବୁଦିନ ରହିବା ପାଇଁ ନୁହଁ। ସେହିପରି ସେ ପ୍ରେମିକ କବି ୱାର୍ଡସ୍‌ୱାର୍ଥଙ୍କ କଥା ଲେଖିଛନ୍ତି, ୧୯୬୬ରେ ବ୍ରିଟେନ୍‌ରେ ଡକ୍ଟରେଟ୍ ଡିଗ୍ରୀ ପାଇଁ ଗବେଷଣା କରୁଥିଲେ, ଛୁଟି ଦିନ ଦେଖି ସେ ୱାର୍ଡସ୍‌ୱାର୍ଥଙ୍କ




ଜନ୍ମସ୍ଥାନ ଦେଖିବାକୁ ଯାଇଥିଲେ। ସେ ତାଙ୍କ ବିଷୟରେ ଅନେକ କଥା ଲେଖିଛନ୍ତି। ଶେଷଟି ଗଳ୍ପ ନୁହେଁ ଲେଖିଛନ୍ତି, କିନ୍ତୁ ତାକୁ ପଢିଲେ ଗଳ୍ପ ଭଳି ମନେ ହେଉଛି । ଗୋବିନ୍ଦ ବାବୁଙ୍କ ଚରିତ୍ର ଏଥିରେ ଚିତ୍ରିତ ହୋଇଛି । ସ୍ୱାମୀ ସ୍ତ୍ରୀ ଦିଲ୍ଲୀରେ ରହୁଥିଲେ। ପରବର୍ତ୍ତୀ ସମୟରେ ଗୋବିନ୍ଦବାବୁ କିପରି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଡେଭିସ୍ କ୍ୟାମ୍ପସ୍‌ରେ ରସାୟନ ବିଜ୍ଞାନ ବିଭାଗ ଭିଜିଟିଂ ପ୍ରଫେସର ପଦରେ ରହିବାପରେ ଆଭା ଫୁଙ୍କ ସହ ବନ୍ଧୁତା ସ୍ଥାପନ କରିଛନ୍ତି । ପୁସ୍ତକର ସବୁ ବିଷୟ ସୁଖପାଠ୍ୟ ।

ବ୍ୟାକ୍ ପେଜ୍

# ଏତେ ବଡ଼ ବାଦୁଡ଼ି !

ଓଲଟା ଝୁଲି ରହୁଥିବା ବାଦୁଡ଼ି ନିଶ୍ଚୟ ଦେଖିଥିବେ । କିଛି କିଛି ସ୍ଥାନରେ ତ ଏହା ଅନେକ ସଂଖ୍ୟାରେ ଝୁଲି ରହିଥାଆନ୍ତି । ତେବେ ଫିଲିପାଇନ୍ସରେ ଦେଖିବାକୁ ମିଳୁଛି ଏମିତି ଅଜବ ବାଦୁଡ଼ି, ଯାହାକୁ ଦେଖିଲେ ଯେକେହି ଡରିଯିବେ । ଆଉ କାହାଣୀର ଡ୍ରାକୁଲା କଥା ମନେପଡ଼ିଯିବ । କାରଣ ଏହି ବାଦୁଡ଼ିର ଆକାର ଖୁବ୍ ବଡ଼ । ପାଖାପାଖି ମଣିଷ ଆକାରର ।



ଗୋଲ୍ଡେନ୍ କ୍ରାଉଣ୍ଡ ଫ୍ଲାଇଂ ଫକ୍ସ ନାମକ ଏହି ବାଦୁଡ଼ି ତା'ର ଡେଣା ମେଲିଦେଲେ ତା' ଶରୀରର ଲମ୍ବ ପ୍ରାୟ ୪.୯-୫.୬ ଫୁଟ ହୁଏ । ଉଚ୍ଚତା ୧ ଫୁଟରୁ ଊର୍ଦ୍ଧ୍ୱ ହୋଇଥାଏ । ତେବେ ଖୁସିର କଥା ଯେ, ବାଦୁଡ଼ିଟି ବିରାଟକାୟ ଦେଖାଗଲେ ବି ଏହା ଶାକାହାରୀ । ଏହା ବିଶେଷକରି ଫଳ ଖାଇଥାଏ । ପିଜୁଳି ଏହାର ବହୁତ ପ୍ରିୟ ।



# କାର୍ଡବୋର୍ଡରେ ପୂର୍ବଜଙ୍କ ରୂପ



ଆମେ ଆମ ପୂର୍ବଜଙ୍କ ଫଟୋ ଘରେ ଲଗାଇ ପୂଜା କରିଥାଉ । ସେହି ଫଟୋ ଦେଖି ସେମାନଙ୍କ ସ୍ମୃତିଚାରଣ କରୁ । ତେବେ ୱାରେନ୍ କିଙ୍ଗ ନାମକ ନ୍ୟୁୟର୍କର ଜଣେ କଳାକାର ନିଜ ପୂର୍ବଜଙ୍କୁ ମନେରଖିବା ଲାଗି ଆପଣେଇଛନ୍ତି ଏକ ଅଭିନବ ଉପାୟ । ସେ କାର୍ଡବୋର୍ଡରେ ତିଆରି କରିଛନ୍ତି ତାଙ୍କ ପୂର୍ବଜଙ୍କର ଏକ ଦୁନିଆ, ଯେଉଁଥିରେ ଅଛନ୍ତି ଏ ଦୁନିଆରେ ଆଉ ନ ଥିବା ତାଙ୍କର ଜେଜେବାପା, ଜେଜେମା' ଓ ତାଙ୍କ ବନ୍ଧୁମାନଙ୍କ ସ୍ଥାପତ୍ୟ । ଆଉ ଏସବୁକୁ ସେ ଏତେ ଜୀବନ୍ତଭାବେ ଗଢ଼ିଛନ୍ତି ଯେ, ଲାଗେ ସତେଯେମିତି ଏହି କାର୍ଡବୋର୍ଡର ମୂର୍ତ୍ତିଗୁଡିକ ବାସ୍ତବ ଓ ସେମାନେ କେତେବେଳେ ଏକାଠି ବସି ତ କେବେ ଠିଆହୋଇ କଥାବାର୍ତ୍ତା ହେଉଛନ୍ତି । ଦିନେ ୱାରେନ୍ ନିଜ ଗାଁ ଚାଇନାର ଶାଓଜିଙ୍ଗଙ୍କୁ ଯାଇଥିଲେ । ସେଠାରେ ତାଙ୍କର ପୂର୍ବଜଙ୍କ ସ୍ମୃତିସବୁ ମନେପଡ଼ିଯାଇଥିଲା । ତେଣୁ ସେମାନଙ୍କୁ ମନେ ପକାଇବା ସହ ତାଙ୍କର ଉପସ୍ଥିତିକୁ ପାଖରେ ଅନୁଭବ କରିବା ପାଇଁ ସେ ଏଭଳି ଏକ ଅଭିନବ ପନ୍ଥା ଆପଣାଇଲେ । ଏହାଦ୍ୱାରା ତାଙ୍କ ପିଲାମାନେ ବି ବହୁତ ଖୁସି ହୋଇଥିଲେ ।




# ରଙ୍ଗୀନ ମହଲ

ସାରା ପୃଥିବୀରେ ରାଜା ମହାରାଜା ନିର୍ମାଣ କରିଥିବା ଅନେକ ମହଲ ଅଛି । ସବୁ ମହଲର କିଛି ଖାସ୍ ବିଶେଷତ୍ୱ ଥାଏ । ତେବେ ପର୍ତ୍ତୁଗାଲ, ସିଣ୍ଟ୍ରା ପାହାଡ଼ ଉପରେ ଅଛି ଏମିତି ଏକ ମହଲ, ଯାହା ତା'ର ରଙ୍ଗ ପାଇଁ ସାରା ପୃଥିବୀରେ ପରିଚିତ । ଏହା ପର୍ତ୍ତୁଗାଲର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ଗୋଟିଏ ଓ ୟୁନେସ୍କୋ ଦ୍ୱାରା ୱାର୍ଲଡ ହେରିଟେଜ୍‌ର ମାନ୍ୟତା ବି ପାଇଛି । ଉକ୍ତ ମହଲର ନାଁ ହେଉଛି ପେନା ପ୍ୟାଲେସ୍ । ପୂର୍ବରୁ ଏହି ସ୍ଥାନରେ ଏକ ମଠ ଥିଲା, ଯାହାକୁ ରାଜା ମାନୁଅଲ ନିର୍ମାଣ କରିଥିଲେ । ପରେ ଏହା ଭୂମିକମ୍ପରେ ନଷ୍ଟ ହୋଇଯାଇଥିଲା । ୧୮୪୨-୧୮୫୪ ମଧ୍ୟରେ ରାଜା ଫର୍ଡିନେଣ୍ଡ ଏଠାରେ ଏକ ସୁନ୍ଦର ଉଆସ ନିର୍ମାଣ କରାଇଥିଲେ, ଯାହାକୁ ଗ୍ରୀଷ୍ମକାଳୀନ ଆବାସ ଭାବେ ପର୍ତ୍ତୁଗାଲର ରାଜପରିବାର ବ୍ୟବହାର କଲେ । ଏହାକୁ ଡିଜାଇନ କରିଥିଲେ ଜର୍ମାନୀର ବାସ୍ତୁକାର ୱାରେନ ୱିଲହେମ୍ ୱନ ୱେସ୍ଟୱେଗ୍ । ସେ ଜଣେ ରୋମାଣ୍ଟିକ୍ ବାସ୍ତୁକାର ଥିଲେ । ତେଣୁ ସେ ମହଲକୁ ରୋମାଣ୍ଟିକ୍ ତଥା ପରୀକଥାର ମହଲ ପରି ଡିଜାଇନ୍ କଲେ । ଏହାର ସୌନ୍ଦର୍ଯ୍ୟ ଅଦ୍ୱିତୀୟ । ଆଭ୍ୟନ୍ତରୀଣ ସାଜସଜ୍ଜା ବି ବେଶ୍ ଆକର୍ଷକ । ମହଲର ମୁଖ୍ୟ ଆକର୍ଷଣ ହେଉଛି ଏହାର ମୁଖ୍ୟଦ୍ୱାର ଯାହାକୁ ସିଣ୍ଟ୍ରା ପର୍ବତର ପଥର କାଟି କରାଯାଇଛି ଓ ଏହା ସମୁଦ୍ର ଦେବତା ଟ୍ରାଇଟନଙ୍କୁ ଦର୍ଶାଏ । ଆଉ ଏକ ଅନ୍ୟତମ ଆକର୍ଷଣ ହେଉଛି ଏହାର ରଙ୍ଗ । ମହଲର ବିଭିନ୍ନ ଅଂଶକୁ ନାନା ରଙ୍ଗରେ ରଙ୍ଗାଯାଇଛି । ଫଳରେ ଦୂରରୁ ଏହା ବେଶ୍ ଆକର୍ଷକ ଓ ମନମୋହକ ଲାଗେ ।